# ବିପର୍ଯ୍ୟୟ ଓ ମହାମାରୀରୁ ସୁରକ୍ଷା

## (ସହାୟକ ପୁସ୍ତିକା - ୪)

ସପ୍ତମ ଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ
ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର

# ବିପର୍ଯ୍ୟୟ ଓ ମହାମାରୀରୁ ସୁରକ୍ଷା

## (ସହାୟକ ପୁସ୍ତିକା - ୪)

**ସପ୍ତମ ଶ୍ରେଣୀ**

ସଂପାଦକ :
ସ୍ମିତାଶ୍ରୀ ବିଶ୍ୱାଳ
ସୌମ୍ୟାକାନ୍ତୀ କର

ସମୀକ୍ଷକ :
ଡ. ଦୁର୍ଯ୍ୟୋଧନ ଦାଶ

ସଂଯୋଜନା :
ଡ. ସବିତା ସାହୁ

ପ୍ରକାଶକ :
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ମୁଦ୍ରଣ ବର୍ଷ : ୨୦୨୩

ପ୍ରସ୍ତୁତି :
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ମୁଦ୍ରଣ :
ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା ;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

# ସୂଚୀପତ୍ର


| ଅଧ୍ୟାୟ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ପ୍ରଥମ | **ପ୍ରାକୃତିକ ବିପର୍ଯ୍ୟୟ ଓ ତା'ର ସୁରକ୍ଷା** | **୧-୨୫** |
| | • ବାତ୍ୟା | ୨ |
| | • ଶୀତ ଲହରୀ (ପ୍ରବଳ ଶୀତ) | ୯ |
| | • ଭୂ-ସ୍ଖଳନ (ଅତଡ଼ା ଖସିବା) | ୧୨ |
| | • କାଳବୈଶାଖୀ | ୧୮ |
| ଦ୍ୱିତୀୟ | • **ମହାମାରୀ** | **୨୬** |

# ପ୍ରଥମ ଅଧ୍ୟାୟ

# ପ୍ରାକୃତିକ ବିପର୍ଯ୍ୟୟ ଓ ତା'ର ସୁରକ୍ଷା


ଭୂମିକମ୍ପ


ବାତ୍ୟା

ଆମେମାନେ ବିପତ୍ତି ମୁକ୍ତ ଅଞ୍ଚଳରେ ରହୁଛେ କି ?


ବନ୍ୟା


ଘୂର୍ଣ୍ଣିଝଡ଼

**ପ୍ରଶ୍ନ**

୧. ଉପରୋକ୍ତ ଚିତ୍ରଗୁଡ଼ିକରେ ତୁମେ କ'ଣ ଦେଖୁଛ ?

୨. ଏଥିମଧ୍ୟରୁ କେଉଁ ଘଟଣା ତୁମ ଅଞ୍ଚଳରେ ଘଟିଯାଇଛି ବା ଘଟିଥିବାର ତୁମେ ଶୁଣିଛ, ତାହା ବର୍ଣ୍ଣନା କର ।

୩. ଉପରୋକ୍ତ ଘଟଣାଗୁଡ଼ିକୁ ଆମେ କ'ଣ କହିପାରିବା ?

ତୁମେମାନେ ଦୈନନ୍ଦିନ ଜୀବନରେ ଖବରକାଗଜ ଓ ଗଣମାଧ୍ୟମରୁ ଭିନ୍ନଭିନ୍ନ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ପାଉଥିବ । ତେବେ ଏ ବିପର୍ଯ୍ୟୟ କ'ଣ, ଆସ ଜାଣିବା ।

ବିପର୍ଯ୍ୟୟ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ମଧ୍ୟରେ ଘଟୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଯାହା ବ୍ୟାପକ ଭାବରେ ମାନବ, ବସ୍ତୁ, ଅର୍ଥନୀତି କିମ୍ବା ପରିବେଶଗତ କ୍ଷତି ଘଟାଇଥାଏ । ଆମ ରାଜ୍ୟ ଓଡ଼ିଶା ବହୁ ସମୟରେ ଅନେକ ପ୍ରକାରର ବିପତ୍ତି ଯଥା– ବାତ୍ୟା, ବନ୍ୟା, ଭୂମିକମ୍ପ, ଅତି ପ୍ରବଳ ବର୍ଷା ଆଦିକୁ ସାମନା କରିଥାଏ । ଏହି ବିପତ୍ତିର ପରିଣାମ ଭୟଙ୍କର ହେଲେ ତାହାକୁ ବିପର୍ଯ୍ୟୟ କୁହାଯାଏ । ଏହି ବିପର୍ଯ୍ୟୟ ପ୍ରାକୃତିକ ବା ମନୁଷ୍ୟକୃତ ହୋଇପାରେ । ଷଷ୍ଠ ଶ୍ରେଣୀରେ ତୁମେମାନେ ବିପର୍ଯ୍ୟୟ ଓ ବିପତ୍ତି ସମ୍ପର୍କରେ ପଢ଼ିଛ । ତେବେ ଆସ ଆମେ ବାତ୍ୟା, କାଳବୈଶାଖୀ, ଭୂସ୍ଖଳନ ଓ ଶୀତଳହରୀ ସମ୍ପର୍କରେ କିଛି ଜାଣିବା ।

## ବାତ୍ୟା

1999 ମହାବାତ୍ୟାର ଚିତ୍ର



2019 ଫନି ବାତ୍ୟାର ଚିତ୍ର



ଏହି ଚିତ୍ର ଦୁଇଟି ଦେଖି ତୁମ ମନରେ କ'ଣ ଭାବନା ଆସୁଛି, ଚିନ୍ତା କରି କୁହ ।

ଏହିଭଳି ଆମ ରାଜ୍ୟ ଓଡ଼ିଶା ଅନେକ ସମୟରେ ବିଭିନ୍ନ ବାତ୍ୟାକୁ ସାମ୍ନା କରୁଛି । ବାତ୍ୟା ସମ୍ପର୍କରେ ତୁମେମାନେ ମଧ୍ୟ ବିଭିନ୍ନ ମାଧ୍ୟମରୁ ଅନେକ ଧାରଣା ପାଇଥିବ । ତେବେ ଆସ ବାତ୍ୟା ସମ୍ପର୍କରେ ଆଉ ଅଧିକ କିଛି ଜାଣିବା ।

### ବାତ୍ୟା କ'ଣ

ବାୟୁ ଓ ଅତ୍ୟନ୍ତ ଘନ ମେଘଖଣ୍ଡମାନଙ୍କ ଦ୍ୱାରା ଗଠିତ ବୃହତାକାର ଘୂର୍ଣ୍ଣିବାୟୁକୁ ବାତ୍ୟା କୁହାଯାଏ । ଲଘୁଚାପ କେନ୍ଦ୍ରସ୍ଥିତ ଆଖିର ଚତୁର୍ଦ୍ଦିଗରେ ଘଣ୍ଟାକୁ ପ୍ରାୟ 120 କି.ମି. ବେଗରେ ଏହା ଚକ୍ରାକାରରେ ବୁଲିବାରେ ଲାଗିଥାଏ । ଏହାର ଦୈର୍ଘ୍ୟ 100 କି.ମି.ରୁ 1000 କି.ମି. ମଧ୍ୟରେ ଏବଂ ଉଚ୍ଚତା 10 ରୁ 15 କି.ମି. ହୋଇଥାଏ ।

ସାଧାରଣତଃ ଏପ୍ରିଲ୍‌ରୁ ମଇ ମାସ ମଧ୍ୟରେ ଏବଂ ପୁନର୍ବାର ସେପ୍ଟେମ୍ବରରୁ ନଭେମ୍ବର ମାସ ମଧ୍ୟରେ ବଙ୍ଗୋପସାଗର ଓ ଆରବସାଗର ଉପକୂଳରେ ବାତ୍ୟା ପ୍ରବାହିତ ହୋଇଥାଏ । ବଙ୍ଗୋପସାଗର ନିକଟବର୍ତ୍ତୀ ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ପଶ୍ଚିମବଙ୍ଗ ଏବଂ ଆରବସାଗର ନିକଟବର୍ତ୍ତୀ ରାଜ୍ୟ କେରଳ, କର୍ଣ୍ଣାଟକ, ଗୁଜୁରାଟ ଓ ମହାରାଷ୍ଟ୍ର ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥାଆନ୍ତି ।

## ଭାରତବର୍ଷରେ ପ୍ରବାହିତ ବାତ୍ୟାଗୁଡ଼ିକର ଶ୍ରେଣୀ ବିଭାଗ


| ଶ୍ରେଣୀ | ଘଣ୍ଟାପ୍ରତି ବେଗ |
|---|---|
| ଲଘୁଚାପ | 32-50 କି.ମି. |
| ଗଭୀର ଲଘୁଚାପ | 51-61 କି.ମି. |
| ବାତ୍ୟା | 62-87 କି.ମି. |
| ଭୟଙ୍କର ବାତ୍ୟା | 88-117 କି.ମି. |
| ଅତି ଭୟଙ୍କର ବାତ୍ୟା | 118-221 କି.ମି. |
| ମହାବାତ୍ୟା | 222 କି.ମି. ଓ ତା'ଠାରୁ ଅଧିକ । |

### ତୁମ ପାଇଁ କାମ

1999 ବାତ୍ୟାକୁ ମହାବାତ୍ୟା କୁହାଯିବାର କାରଣ ଓ ଏହାର ଭୟାବହତାକୁ ଆଲୋଚନା କର ।

## ବାତ୍ୟା କିପରି ସୃଷ୍ଟି ହୁଏ ?

ବାତ୍ୟା ମୋଟାମୋଟି ସାତଦିନ ପର୍ଯ୍ୟନ୍ତ ରହିଥାଏ, ମାତ୍ର ବେଳେବେଳେ ତାହା ତିନି ସପ୍ତାହରୁ ଅଧିକ ଅବଧି ଯାଏ ମଧ୍ୟ ଲାଗି ରହିପାରେ । ପ୍ରାୟ ୨୬° ଡିଗ୍ରୀ ସେଲସିୟସ୍ ଉଷ୍ଣ ସାମୁଦ୍ରିକ ଜଳ ଭାଗରେ ଏଗୁଡ଼ିକ ବାୟୁମଣ୍ଡଳରୁ ଉତ୍ପତ୍ତି ଲାଭ କରିଥାଏ ।



ଏକ ସାଧାରଣ ଲଘୁଚାପ ଗ୍ରୀଷ୍ମମଣ୍ଡଳୀୟ ବାତ୍ୟାର ରୂପ ନେଇପାରେ । ସେହି ଲଘୁଚାପରେ ଏକ ଘଟିକାବତ୍ ଗତିପଥରେ ବାୟୁ କେନ୍ଦ୍ରଆଡ଼କୁ ବହିବାକୁ ଆରମ୍ଭ କରେ । କେନ୍ଦ୍ରକୁ ଆସି ତାହା ଊର୍ଦ୍ଧ୍ୱ ଆଡ଼କୁ ଗତି କରେ ଏବଂ ସେହି ଉଚ୍ଚରୁ ହିଁ ବାହାର ଆଡ଼କୁ ପ୍ରବାହିତ ହୁଏ । ଗ୍ରୀଷ୍ମକାଳର ଉତ୍ତାପ ଉଷ୍ଣ ମହାସାଗର ସଂସ୍ପର୍ଶରେ ଆସି ଜଳରାଶିକୁ ବାଷ୍ପରେ ପରିଣତ କରେ ଏବଂ ତାହାଦ୍ୱାରା ଆର୍ଦ୍ରବାୟୁର ଗୋଟିଏ ଗଭୀର ସ୍ତର ସୃଷ୍ଟି ହୁଏ । 'ଲଘୁଚାପ'ର କେନ୍ଦ୍ରରେ ଏହି ଆର୍ଦ୍ର ବାୟୁର ଊର୍ଦ୍ଧ୍ୱଗମନ ଫଳରେ ତାହାକୁ ଶୀତଳ କରିଦିଏ ଏବଂ ସେଥିରୁ ଗ୍ରୀଷ୍ମମଣ୍ଡଳୀୟ ବାତ୍ୟା ସମୟରେ ଘୋର ବୃଷ୍ଟିପାତ ଆରମ୍ଭ ହୋଇଥାଏ । ଊର୍ଦ୍ଧ୍ୱସ୍ଥ ସ୍ତରଗୁଡ଼ିକରେ ବାୟୁ ମଣ୍ଡଳାକାର ହୋଇ ଉପରକୁ ଉଠିବା ଆରମ୍ଭ କରେ । ଏହାଦ୍ୱାରା ବାୟୁର ଗତି ଆହୁରି ଅଧିକ ହୋଇଥାଏ ଏବଂ ପ୍ରବଳ ଝଡ଼ବାତ୍ୟାର ରୂପ ନେଇଥାଏ ।

### ତୁମ ପାଇଁ ସୂଚନା :

ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଯଥା ଗଞ୍ଜାମ, ଗଜପତି, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର, ପୁରୀ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଆଦି ଜିଲ୍ଲାଗୁଡ଼ିକ ବାତ୍ୟାପ୍ରବଣ ଅଞ୍ଚଳ ଅଟେ ।

## ବାତ୍ୟାର ପ୍ରଭାବ ଓ କ୍ଷୟକ୍ଷତି :

ବାତ୍ୟାର ପ୍ରଭାବ ଓ କ୍ଷୟକ୍ଷତି ସମ୍ପର୍କରେ ତୁମମାନଙ୍କର ଅନୁଭୂତି ରହିଥିବ । ବାତ୍ୟାର ଭୟାବହତା ତଥା କ୍ଷୟକ୍ଷତିକୁ କେତେକାଂଶରେ ତୁମେମାନେ ସାମ୍ନା କରିବା ସହିତ ବିଭିନ୍ନ ଖବରକାଗଜ ଓ ଯୋଗାଯୋଗ ମାଧ୍ୟମରୁ ବି ସୂଚନା ପାଇଥିବ ।

## ତୁମ ପାଇଁ କାମ :

| |
|---|
| ନିକଟ ଅତୀତରେ ତୁମେମାନେ ଦେଖିଥିବା ବା ଶୁଣିଥିବା ଯେ କୌଣସି ଏକ ବାତ୍ୟାର କ୍ଷୟକ୍ଷତି ସମ୍ପର୍କରେ ନିଜ ସାଙ୍ଗ ସହ କଥା ହୋଇ ଲେଖ । |

**ବିଶେଷ ଦ୍ରଷ୍ଟବ୍ୟ :** ଶିକ୍ଷକ ବାତ୍ୟା ସଂପର୍କିତ ପିଲାମାନଙ୍କ ଲେଖାକୁ ଶ୍ରେଣୀରେ ଉପସ୍ଥାପନ କରିବେ ଓ ଅଧିକ ଆଲୋଚନା କରିବେ ।





ବାତ୍ୟା ବଡ଼ ଧରଣ ବିନାଶର କାରଣ ହୋଇପାରେ ବୋଲି ଆମେ ଜାଣିଛେ । ବିପର୍ଯ୍ୟୟ ଶିକାର ହୋଇଥିବା ଅଞ୍ଚଳରେ ମୃତ୍ୟୁ ସଂଖ୍ୟା ଅଧିକ ହୋଇଥାଏ । ବାତ୍ୟାରେ ଘରଦ୍ୱାର, ଯାନବାହନ, ବିଦ୍ୟୁତ୍ ନଷ୍ଟ ହେବା ସହିତ ବହୁ ପରିମାଣରେ ପଶୁପକ୍ଷୀଙ୍କର ମୃତ୍ୟୁ ହୋଇଥାଏ । ଏହା ଯୋଗୁଁ ଫସଲ ନଷ୍ଟ ହୁଏ, ଘର ଭୁଷୁଡ଼ିଯାଏ ଏବଂ ଭଙ୍ଗାରୁଜା ପଦାର୍ଥରେ ପୋତି ହୋଇ ଧନଜୀବନ ନଷ୍ଟ ହୋଇଥାଏ । ଏହି ସମୟରେ ସମୁଦ୍ର ମଧ୍ୟକୁ ଯାଉଥିବା ନୌକାଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହୋଇଥାଏ । ବାତ୍ୟା ସମୟରେ ପ୍ରଖର ବେଗରେ ବହୁଥିବା ପବନ ବିଭିନ୍ନ ଭଙ୍ଗାରୁଜା ଦ୍ରବ୍ୟଗୁଡ଼ିକୁ ଉଡ଼ାଇନିଏ ଓ ସେଗୁଡ଼ିକର ଆଘାତରେ ବହୁଲୋକ ଆହତ ହୁଅନ୍ତି । ଏହି ସମୟରେ ବିଜୁଳି କାଟ ହେବା ସହ ପାନୀୟ ଜଳର ଅଭାବ ଦେଖାଯାଏ । ବର୍ତ୍ତମାନ ସମୟରେ ପାଣିପାଗ ବିଭାଗ ଓ ବିପର୍ଯ୍ୟୟ ବିଭାଗର ପ୍ରାକ୍ ସୂଚନା ହେତୁ ଆମେମାନେ ବାତ୍ୟା ଜନିତ କ୍ଷୟକ୍ଷତିରୁ ବହୁମାତ୍ରାରେ ରକ୍ଷା ପାଇପାରୁଛେ ।

### ସୁରକ୍ଷା ଉପାୟ :
### ବାତ୍ୟା ଆସିବା ପୂର୍ବରୁ :

→ ପାଗ ପରିବର୍ତ୍ତନ ଉପରେ ନଜର ରଖିବା ।

→ ଟିଭି ଦେଖି, ରେଡ଼ିଓ ଶୁଣି ବାତ୍ୟା ବିଷୟରେ ଜାଣିବା ଓ ଲୋକମାନଙ୍କୁ ଖବର ଦେବାପାଇଁ ଉଦ୍ଦିଷ୍ଟ ପ୍ରଚାର ବାର୍ତ୍ତା ପ୍ରତି ଧ୍ୟାନ ଦେବା ।

→ ବାତ୍ୟା ସମୟରେ ବ୍ୟବହାର କରିବା ପାଇଁ କେତେକ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯଥା ଶୁଖିଲା ଖାଦ୍ୟ, ଦିଆସିଲି, ରୋଷେଇ ସରଞ୍ଜାମ, ପ୍ରାଥମିକ ଉପଚାର ବାକ୍ସ, ଲୁଗାପଟା, ଦଉଡ଼ି, ଟର୍ଚ୍ଚ ଓ ବ୍ୟାଟେରୀ ଇତ୍ୟାଦିକୁ ସଜାଡ଼ି ରଖିବା ।

→ ଭଙ୍ଗାକାନ୍ଥ ଓ ଛାତ ଥିବା ସ୍ଥାନରୁ ନିଜକୁ ଏବଂ ଗୃହପାଳିତ ପଶୁପକ୍ଷୀମାନଙ୍କୁ ଦୂରେଇ ରଖିବା ।

→ ନିଜର ମୋଟର ସାଇକେଲ, ଗାଡ଼ି ଆଦିରେ ପେଟ୍ରୋଲ ପୁରାଇ ସୁରକ୍ଷିତ ସ୍ଥାନରେ ରଖିବା । (ଏଗୁଡ଼ିକ ଗଛଠାରୁ ଦୂରରେ ଏବଂ ଛାତ ତଳେ ରଖନ୍ତୁ)

→ ଗଛ ତଳକୁ ନ ଯିବା ।

→ ଝଡ଼ତୋଫାନ ସମୟରେ ଉଡ଼ି କ୍ଷତି କରିବାର ଆଶଙ୍କା ଥିବା ହାଲ୍କା ଓ ଅଳ୍ପ ଓଜନିଆ ଜିନିଷଗୁଡ଼ିକୁ ପାଖରୁ ସଫା କରିଦେବା ।

→ ଗୁଜବପ୍ରତି କାନ ନ ଦେବା ।

→ ନିଜର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଜମାଖାତା ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗରେ ଭର୍ତ୍ତି କରି ସାଇତି ରଖିବା ଏବଂ ଘରଛାଡ଼ି ଆଶ୍ରୟସ୍ଥଳକୁ ଯିବା ସମୟରେ ଏହି ବ୍ୟାଗଟିକୁ ସାଙ୍ଗରେ ନେବା ।

→ ଜରୁରୀକାଳୀନ କେତୋଟି ଠିକଣା ଏବଂ ଟେଲିଫୋନ ନମ୍ବର ଲେଖି ପାଖରେ ରଖିବା । ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଦାୟିତ୍ୱରେ ଥିବା ସରକାରୀ ଅଫିସ୍, ସଂସ୍ଥାଗୁଡ଼ିକର ଟେଲିଫୋନ ନମ୍ବର ମଧ୍ୟ ପାଖରେ ରଖିବା ।

→ ଯଦି ନିଜ ଅଞ୍ଚଳରେ ଜୁଆର ଉଠି ଆସିବାର ସମ୍ଭାବନା ଅଛି, ତେବେ ଉଚ୍ଚା ଯାଗା ଓ ଆଶ୍ରୟସ୍ଥଳୀ ପ୍ରସ୍ତୁତ କରି ରଖିବା ।

**ବାତ୍ୟା ଆରମ୍ଭ ପରେ :**

→ ଯାବତୀୟ ବିଦ୍ୟୁତ୍ ସରଞ୍ଜାମ ଓ ଗ୍ୟାସ୍‌ର ସୁଇଚ ବନ୍ଦ କରିଦେବା ।

→ ଘର ଭାଙ୍ଗି ପଡୁଥିଲେ ନିଜକୁ ଚାଦର / କମ୍ବଳରେ ଘୋଡ଼ାଇ ଗୋଟିଏ ମଜବୁତ ଟେବୁଲ ବା ବେଞ୍ଚ ତଳେ ରହିବା ।

→ ପାଣି ପାଇପ୍ ଆଦି ଶକ୍ତ ଜିନିଷକୁ ଜାବୁଡ଼ି ଧରିବା ।

→ ବାତ୍ୟା ଥରେ ଗଲା ପରେ ସ୍ଥିର ହୋଇଗଲା ପରି ଜଣାପଡ଼େ । ମାତ୍ର ବାତ୍ୟା ସରିଗଲା ବୋଲି ଭାବିବା ଠିକ୍ ନୁହେଁ । ପୁଣି ବିପରୀତ ଦିଗରୁ ପବନ ବହେ । ସରକାରୀ ଭାବେ ବାତ୍ୟା ଚାଲିଯିବାର ଖବର ନ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବା ।

→ ସର୍ବଶେଷ ସମ୍ବାଦ ତଥା ପରାମର୍ଶ ନିମନ୍ତେ ରେଡ଼ିଓ ଓ ମୋବାଇଲ୍‌ରେ ଖବର ଶୁଣିବା ।

→ ସମୁଦ୍ରକୂଳଠାରୁ ଦୂରେଇ ରହିବା, ବଡ଼ଗଛ, ବିଦ୍ୟୁତ ତାର ଓ ପାଣିଠାରୁ ଦୂରେଇ ରହିବା ।

→ ଛୋଟପିଲା, ବୟସ୍କ, ରୋଗୀ ଓ ଗର୍ଭବତୀ ମହିଳାମାନଙ୍କର ବିଶେଷ ଯତ୍ନ ନେବା ।

→ ବାତ୍ୟା ପ୍ରକୋପ ବଢ଼ିବାର ସମ୍ଭାବନା ଥିଲେ ଗୋଟିଏ ମଜବୁତ ପକ୍କା ଘରକୁ ଉଠିଯିବା ବା ଆଶ୍ରୟସ୍ଥଳୀକୁ ଯିବା ।

### ବାତ୍ୟା ଛାଡ଼ିଯିବା ପରେ :

→ ସରକାରୀ ଭାବେ ବାତ୍ୟା ସରିବା ଖବର ନ ପାଇବା ଯାଏ ବାହାରକୁ ନ ବାହାରିବା ।

→ ଗ୍ୟାସ୍ ଲିକ୍ ହେଉଛି କି ନାହିଁ ପରୀକ୍ଷା କରିବା ଓ ଓଦା ବିଦ୍ୟୁତ୍ ଉପକରଣକୁ ନ ଛୁଇଁବା ।

→ ଆଶ୍ରୟସ୍ଥଳୀକୁ ଯାଇଥିଲେ ସୂଚନା ନ ପାଇଲା ଯାଏ ସେଠାରୁ ପଳାଇ ଆସିବା ନାହିଁ । ତରତର ନ ହୋଇ ନିରାପଦ ବାଟରେ ନିଜ ଘରକୁ ଫେରିବା ।


→ ବାତ୍ୟାପରେ ଝାଡ଼ାବାନ୍ତି ବ୍ୟାପିବାର ସମ୍ଭାବନା ଥିବାରୁ ଦୂଷିତ ଜଳ ଓ ଖାଦ୍ୟଠାରୁ ଦୂରେଇ ରହିବା ।

→ ଏ ସମୟରେ ସାପକାମୁଡ଼ାର ବିଶେଷ ଭୟ ଥାଏ । ସେଥିପ୍ରତି ସାବଧାନ ରହିବା ।

→ ବନ୍ୟାଜଳରେ ପ୍ରବେଶ ନ କରିବା । କେଉଁଠି ବିଦ୍ୟୁତ୍ ତାର ଛିଣ୍ଡି ତଳେ ପଡ଼ିଥିଲେ, ଘର ବା ପୋଲ ଭାଙ୍ଗି ଯାଇଥିଲେ, ଗଛ ଉପୁଡ଼ି ଥିଲେ, ସେଥିପ୍ରତି ସାବଧାନ ରହିବା ।

### ଜନସାଧାରଣଙ୍କ କର୍ତ୍ତବ୍ୟ :

**ତୁମ ପାଇଁ କାମ –** ବାତ୍ୟା ଛାଡ଼ିଯିବା ପରେ ଜନସାଧାରଣଙ୍କର କର୍ତ୍ତବ୍ୟ କ'ଣ ହେବ, ନିଜ ଭିତରେ ଆଲୋଚନା କରି ଲେଖ ।




**ତୁମେ ଜାଣିଛ କି ?**

### ODRAF – ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ

ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ (ODRAF) ହେଉଛି ଓଡ଼ିଶା ସରକାରଙ୍କ ଏକ ସ୍ୱତନ୍ତ୍ର ବାହିନୀ ଯାହାକି ରାଜ୍ୟରେ ବିପର୍ଯ୍ୟୟ ଏବଂ ପ୍ରାକୃତିକ ଦୁର୍ଘଟଣା ସମୟରେ ତୁରନ୍ତ କାର୍ଯ୍ୟ କରିବା ପାଇଁ ଗଠିତ ହୋଇଛି ।

## ODRAF କର୍ମଚାରୀମାନଙ୍କର କର୍ତ୍ତବ୍ୟ

→ ODRAF କର୍ମଚାରୀମାନେ ବାତ୍ୟାପ୍ରବଣ ଅଞ୍ଚଳରେ ପହଞ୍ଚି ସେଠାରେ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥା କରିଥାନ୍ତି, ଯଥା– ଜନସାଧାରଣଙ୍କୁ ବାତ୍ୟାଆଶ୍ରୟ ସ୍ଥଳୀରେ ପହଞ୍ଚାଇବା, ଛୋଟପିଲା, ବୃଦ୍ଧ ଓ ଗର୍ଭବତୀ ମହିଳାମାନଙ୍କୁ ସୁରକ୍ଷା ଦେବାରେ ସାହାଯ୍ୟ କରିବା ଇତ୍ୟାଦି ଦାୟିତ୍ୱ ହାତକୁ ନେଇଥାନ୍ତି ।

→ ଅବରୋଧ ରାସ୍ତାକୁ ସଫା କରିବା, ଗଛ କାଟିବା, ଖାଦ୍ୟ ଓ ପାନୀୟ ଜଳ ଯୋଗାଣରେ ସାହାଯ୍ୟ କରିବା ଇତ୍ୟାଦି କାର୍ଯ୍ୟ ଏମାନେ କରିଥାନ୍ତି ।

→ ବାତ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ବଣ୍ଟନ ସହିତ ଉଦ୍ଧାର କାର୍ଯ୍ୟ ମଧ୍ୟ କରିଥାନ୍ତି ।

**ତୁମେ ଜାଣିଛ କି ?**

ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (NDRF)

ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ ଅନୁଯାୟୀ ବିପଦପୂର୍ଣ୍ଣ / ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ମୁକାବିଲା ଉଦ୍ଦେଶ୍ୟରେ ଏହା ଗଠିତ ।

ଆସ ସାରଣୀ ପୂରଣ କରିବା ।

ଓଡ଼ିଶାର ପାଞ୍ଚଟି ମୁଖ୍ୟବାତ୍ୟାର ବିବରଣୀ ପ୍ରସ୍ତୁତ କର ।

| ବାତ୍ୟାର ନାମ | ସ୍ଥାନ | ମସିହା ଓ ତାରିଖ | କ୍ଷୟକ୍ଷତିର ବିବରଣୀ |
|---|---|---|---|
| | | | |

**ପ୍ରକଳ୍ପ କାର୍ଯ୍ୟ :**

| ବାତ୍ୟା ସରିବା ପରେ ପ୍ରଭାବିତ ଅଞ୍ଚଳଗୁଡ଼ିକର ଅବସ୍ଥା ସୁଧାରିବା ନିମନ୍ତେ ନିମ୍ନ ବିଭାଗଗୁଡ଼ିକ କେଉଁ ସବୁ କାର୍ଯ୍ୟ କରିଥାନ୍ତି ଗୁରୁଜନମାନଙ୍କ ଠାରୁ ପଚାରି ବୁଝି ଲେଖ । | |
|---|---|
| କ – ସ୍ୱାସ୍ଥ୍ୟ ବିଭାଗ | |
| ଖ – ପାନୀୟଜଳ ବିଭାଗ | |
| ଗ – ବିଦ୍ୟୁତ୍ ବିଭାଗ | |
| ଘ – ବିପର୍ଯ୍ୟୟ ପରିଚାଳନା ବିଭାଗ | |

ବାତ୍ୟା ଏକ ପ୍ରାକୃତିକ ବିପର୍ଯ୍ୟୟ, ଯାହା ମଣିଷ ସମାଜର ଅହେତୁକ କ୍ଷତି ଘଟାଇବା ସହ ଅନେକ ପରିବେଶଗତ, ସାମାଜିକ ଓ ଆର୍ଥିକ ସମସ୍ୟା ସୃଷ୍ଟି କରିଥାଏ । ଏଣୁ ବାତ୍ୟାପୂର୍ବର ପ୍ରାକ୍ ସୂଚନା, ଜନସଚେତନତା ଏବଂ ଜନସହଯୋଗ ଫଳରେ ଆମେମାନେ ଏହି କ୍ଷୟକ୍ଷତିକୁ ଏଡ଼ାଇ ପାରିବା ।

# ଶୀତ ଲହରୀ (ପ୍ରବଳ ଶୀତ)

**ଆସ ତଳେ ଦିଆଯାଇଥିବା ଏକ ପରିସ୍ଥିତିକୁ ପଢ଼ିବା ।**



ସେଦିନ ଥାଏ 2021 ମସିହା ଡିସେମ୍ବର ମାସ 20 ତାରିଖ । ଓଡ଼ିଶାର କନ୍ଧମାଳ ଜିଲ୍ଲାର ଦାରିଙ୍ଗ୍‌ବାଡ଼ିକୁ ପ୍ରଚଣ୍ଡ ଶୀତଳ ତରଙ୍ଗ ଧକ୍କା ଦେବା ପରେ ପାରଦ ପ୍ରାୟ 4° ତଳକୁ ଖସିଯାଇଥିଲା । ଯାହାଫଳରେ ସାଧାରଣ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । ପ୍ରବଳଶୀତ ହେତୁ ଏଠାରେ ତୁଷାରପାତ ମଧ୍ୟ ହୋଇଥିଲା । ଏହା ରାଜ୍ୟର ସବୁଠାରୁ ଶୀତଳତମ ସ୍ଥାନ ଅଟେ । ଦାରିଙ୍ଗ୍‌ବାଡ଼ିର ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥିବାରୁ ଏଠାକୁ ବହୁ ପର୍ଯ୍ୟଟକ ଆସିଥାନ୍ତି । ଏହାକୁ ଓଡ଼ିଶାର କାଶ୍ମୀର କୁହାଯାଏ । ଓଡ଼ିଶାର ବିଭିନ୍ନ ଜିଲ୍ଲା ଯଥା କଳାହାଣ୍ଡି, କୋରାପୁଟ, ସୋନପୁର, ଝାରସୁଗୁଡ଼ା, କନ୍ଧମାଳ, କେଉଁଝର ଆଦି ସ୍ଥାନରେ ମଧ୍ୟ ପ୍ରବଳ ଶୀତ ପ୍ରବାହିତ ହୋଇଥାଏ ।

**ଚିନ୍ତା କରି ଉତ୍ତର ଦେବା ।**

**ପ୍ରଶ୍ନ ୧ :** ଏହି ପରିସ୍ଥିତିରୁ ଶୀତଦିନେ ଦାରିଙ୍ଗ୍‌ବାଡ଼ିର ପରିବେଶ କିପରି ହୋଇଥିବ ବୋଲି ତୁମେ ଭାବୁଛ ?

**ପ୍ରଶ୍ନ ୨ :** ପ୍ରବଳ ଶୀତ ସମୟରେ ଦାରିଙ୍ଗ୍‌ବାଡ଼ିରେ ଲୋକମାନଙ୍କର ଜୀବନଶୈଳୀ କିପରି ହୋଇଥିବ ?

**ପ୍ରଶ୍ନ ୩ :** ଭାରତର କେଉଁ ସ୍ଥାନରେ ଶୀତଲହରୀ ଦେଖାଯାଏ ନିଜ ଭିତରେ ଆଲୋଚନା କରି ଲେଖ ।

**ତୁମେ ଜାଣିଛ କି ?**

ହିମାଳୟ ପର୍ବତମାଳାର ଅଧିକ ଉଚ୍ଚ ଇଲାକାଗୁଡ଼ିକରେ ଶୀତଋତୁରେ ତାପମାତ୍ରା ଅନେକ ଦିନପାଇଁ 0° ସେଲ୍‌ସିୟସ୍ ବା ତା'ଠାରୁ କମ୍ ରହିବା ହେତୁ ବହୁଲୋକଙ୍କର ମୃତ୍ୟୁ ହୁଏ । ହିମାଚଳ, ଜାମ୍ମୁ-କାଶ୍ମୀର (ଲଦାଖ, ଲେହ ଓ କାରଗିଲ) ତଥା ଉତ୍ତରାଞ୍ଚଳ ଓ ଉତ୍ତରପ୍ରଦେଶର ଉଚ୍ଚ ପାହାଡ଼ିଆ ଜାଗାଗୁଡ଼ିକରେ ବିଶେଷ ଭାବରେ ଏପରି ଘଟଣା ଘଟିଥାଏ । ଏହି ଅତ୍ୟୁଚ୍ଚ ପାର୍ବତ୍ୟ ଅଞ୍ଚଳରେ ଭାରତ ପାକିସ୍ତାନ ସୀମାରେ ନିଯୁକ୍ତ ସୈନିକମାନେ ପ୍ରବଳ ଶୀତର ସମ୍ମୁଖୀନ ହୋଇଥାଆନ୍ତି ।

ତୁମେମାନେ ମଧ୍ୟ ତୁମ ଅଞ୍ଚଳରେ ପ୍ରବଳ ଶୀତର ସାମ୍ନା କରିଥିବ । ତେବେ ଆସ ଜାଣିବା ପ୍ରବଳ ଶୀତ ବା ଶୀତଲହରୀ କ'ଣ ?

## ଶୀତଲହରୀ

ଶୀତଦିନେ ହଠାତ୍ ଅସ୍ୱାଭାବିକ ଭାବରେ ଏବଂ ଦ୍ରୁତଗତିରେ ତାପମାତ୍ରା 24 ଘଣ୍ଟା ମଧ୍ୟରେ ହ୍ରାସ ପାଇବାକୁ ଶୀତଲହରୀ କୁହାଯାଏ । (ସମତଳ ଅଞ୍ଚଳରେ ତାପମାତ୍ରା 10° ସେଲ୍‌ସିୟସ୍‌ରୁ କମ୍, ପାର୍ବତ୍ୟାଞ୍ଚଳରେ ତାପମାତ୍ରା ସର୍ବନିମ୍ନ 0° ସେଲ୍‌ସିୟସ୍‌ରୁ କମ୍ ବା ସର୍ବୋଚ୍ଚ 3.5° – 6.5° ସେଲ୍‌ସିୟସ୍ ମଧ୍ୟରେ) । ଶୀତଲହରୀ ହେଉଛି ପାଣିପାଗର ଏକ ଅବସ୍ଥା ଯାହାକି ବାୟୁର ଶୀତଳ ଅବସ୍ଥା ଦ୍ୱାରା ଚିହ୍ନଟ ହୋଇଥାଏ ।



## ଶୀତଲହରୀର ପ୍ରଭାବ

ଶୀତଲହରୀ ମନୁଷ୍ୟ ଓ ପଶୁପକ୍ଷୀମାନଙ୍କୁ ଆଘାତ ଦେଇପାରେ । ଏହା ଜୀବଜଗତର ଜୀବନଶୈଳୀକୁ ନିମ୍ନୋକ୍ତ ଭାବେ ପ୍ରଭାବିତ କରିଥାଏ ।

- → ଶୀତଲହରୀ ଗୃହପାଳିତ ପଶୁ ଏବଂ ବନ୍ୟଜନ୍ତୁମାନଙ୍କୁ ମୃତ୍ୟୁ ବା ଆଘାତ ଦେଇଥାଏ ।
- → ପ୍ରବଳ ଶୀତ ଲାଗି ରହିଲେ ଏବଂ ତୁଷାରପାତ ହେଲେ ପଶୁପକ୍ଷୀମାନେ ଖାଦ୍ୟ ଖାଇପାରନ୍ତି ନାହିଁ ଏବଂ ଅନାହାରରେ ମୃତ୍ୟୁମୁଖରେ ପଡ଼ନ୍ତି ।
- → ପ୍ରବଳ ଶୀତରେ ତୁଷାର ପାତ ଏବଂ ଘନ କୁହୁଡ଼ି ହେତୁ ଫସଲ ନଷ୍ଟ ହୋଇଥାଏ ।
- → ଶୀତରୁ ରକ୍ଷା ପାଇବାପାଇଁ ଲୋକମାନେ ସ୍ଥାନେ ସ୍ଥାନେ ନିଆଁ ଜାଳିଥା'ନ୍ତି । ଏହା ପରବର୍ତ୍ତୀ ସମୟରେ ଅଗ୍ନିକାଣ୍ଡର ବିପଦ ସୃଷ୍ଟି କରିଥାଏ ।
- → ଅତ୍ୟଧିକ ତୁଷାରପାତ ହେତୁ ପାନୀୟ ଜଳ ଯୋଗାଣ ଏବଂ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ ।
- → ଏହି ସମୟରେ ଘନକୁହୁଡ଼ି ଯୋଗୁଁ ଯାତାୟାତରେ ଅସୁବିଧା ସହିତ ଗାଡ଼ିମଟର ଦୁର୍ଘଟଣା ମଧ୍ୟ ଘଟିଥାଏ ।

**ତୁମ ପାଇଁ କାମ :**

| |
|---|
| ଶୀତଲହରୀରୁ ନିଜକୁ ରକ୍ଷା କରିବା ପାଇଁ ଆମେ କି କି ପଦକ୍ଷେପ ନେବା ଆସ ଲେଖିବା । <br><br> • <br><br> • <br><br> • <br><br> • |

ଭାରତ ତଥା ଓଡ଼ିଶାର ଅନେକ ସ୍ଥାନରେ ଶୀତଲହରୀ ଯୋଗୁଁ ବହୁ ସଂଖ୍ୟକ ଲୋକ ନିଜକୁ ଥଣ୍ଡାରୁ ରକ୍ଷା କରି ନ ପାରି ମୃତ୍ୟୁମୁଖରେ ପଡ଼ନ୍ତି । ଏହି ସମୟରେ ଶିଶୁ, ଭିନ୍ନକ୍ଷମବ୍ୟକ୍ତି, ବୟସ୍କ, ରୋଗୀ ଏବଂ ଗର୍ଭବତୀ ମହିଳାମାନଙ୍କର ବିଶେଷ ଯତ୍ନ ନେବା ଏକାନ୍ତ ଆବଶ୍ୟକ । ତେବେ ଆସ, ଶୀତଲହରୀରୁ ନିଜକୁ ରକ୍ଷା କରିବା ପାଇଁ ଆଉ କିଛି ଉପାୟ ଜାଣିବା ।

→ ଶରୀରକୁ ଉଷ୍ମତା ପ୍ରଦାନ କରିବା ନିମନ୍ତେ ଶୀତବସ୍ତ୍ର ପିନ୍ଧି ଜାକିଜୁକି ହୋଇ ବସିବା ।

→ ଗରମ ଖାଦ୍ୟ ଏବଂ ପାନୀୟ ସେବନ କରିବା ।

→ ଶରୀରକୁ ଉଷୁମ ରଖିବା ନିମିତ୍ତ ତୈଳ ଏବଂ ଘିଅଯୁକ୍ତ ଖାଦ୍ୟ ଖାଇବା ଏବଂ ଶରୀରରେ ତେଲ ମାଲିସ କରିବା ।

→ ଭିଟାମିନ-ସି ଥିବା ଫଳ ଓ ପନିପରିବା ଖାଇବା ଏବଂ ପର୍ଯ୍ୟାପ୍ତ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ ଅଧିକ ତରଳ ପାନୀୟ ସେବନ କରିବା ।

→ ନିଜକୁ ଶୁଖିଲା ରଖିବା ଏବଂ ଯଦି ଶରୀର ଓଦା ଅଛି, ତେବେ ତୁରନ୍ତ ତାହାକୁ ଶୁଖାଇବାର ବ୍ୟବସ୍ଥା କରିବା ।

→ ଘରର ତାପମାତ୍ରାକୁ ବଢ଼ାଇବା ପାଇଁ ରୁମ୍‌ହିଟରର ବ୍ୟବହାର କରିବା ।

→ ନିଆଁ ପୁଇଁବା ସମୟରେ ସତର୍କତା ଅବଲମ୍ବନ କରିବା ।

→ ଅତ୍ୟଧିକ ଥଣ୍ଡା ଓ ଘନକୁହୁଡ଼ି ସମୟରେ ଆବଶ୍ୟକ ନ ଥିଲେ ଘରୁ ବାହାରିବା ନାହିଁ ଏବଂ ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନ କରିବା ।

→ ଶୀତଲହରୀ ସମୟରେ ଥଣ୍ଡା, ଜ୍ୱର ଏବଂ କାଶରୁ ରକ୍ଷା ପାଇବାପାଇଁ ଡାକ୍ତରଙ୍କର ତୁରନ୍ତ ପରାମର୍ଶ ନେବା ।

# ଭୂସ୍ଖଳନ (ଅତଡ଼ା ଖସିବା)

## କେତେକ ପ୍ରମୁଖ ଘଟଣାବଳୀ

### 2013 ମସିହା ଉତ୍ତରାଖଣ୍ଡର କେଦାରନାଥରେ ଘଟିଥିବା ଭୂସ୍ଖଳନ

2013 ମସିହା ଜୁନ୍‌ମାସ 12 ରୁ 17 ତାରିଖ ମଧ୍ୟରେ ଉତ୍ତରାଖଣ୍ଡ ରାଜ୍ୟରେ ଏକ ଅସ୍ୱାଭାବିକ ବର୍ଷା ହୋଇଥିଲା । ଏହାଦ୍ୱାରା ଚୋରାବରୀ ଗ୍ଲେସିଅର ତରଳିଯିବା ସହିତ ମନ୍ଦାକିନୀ ନଦୀରେ ବିସ୍ଫୋରଣ ଘଟିଥିଲା ।




ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ବନ୍ୟା ଓ ଭୂସ୍ଖଳନ ଘଟିଥିଲା । ଏହାଫଳରେ ସ୍ଥାନୀୟ ବାସିନ୍ଦା ଏବଂ ବହୁ ପର୍ଯ୍ୟଟକଙ୍କର ମୃତ୍ୟୁ ହେବା ସହିତ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଏହି ଘଟଣାରେ ପ୍ରାୟ 5000 ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ । ଏହି ବନ୍ୟା ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ପଶ୍ଚିମ ନେପାଳର ବଡ଼ ଅଂଶକୁ ପ୍ରଭାବିତ କରିଥିଲା ।

### 2021 ମୁମ୍ବାଇ ଭୂସ୍ଖଳନ

ଭାରତର ମୁମ୍ବାଇ ଉପାନ୍ତ ଅଞ୍ଚଳ ଚେମ୍ବୁର (Chembur) ଏବଂ ବିକ୍ରୋଲି (Vikhroli) ଠାରେ 2021 ମସିହାରେ ଏକ ଭୂସ୍ଖଳନ ଘଟିଥିଲା । ଏହି ଘଟଣାରେ ପ୍ରାୟ 32 ଜଣଙ୍କର ମୃତ୍ୟୁ ଘଟିଥିଲା । ପ୍ରବଳ ବର୍ଷା ଓ ଭୂସ୍ଖଳନ ହେତୁ ବହୁ ଲୋକ ଭୁଶୁଡ଼ି ପଡ଼ିଥିବା ଘରତଳେ ରହିବା ଯୋଗୁଁ ଆହତ ହୋଇଥିଲେ ।

**ଆସ କଥା ହେବା ଓ ଲେଖିବା**

**ପ୍ରଶ୍ନ :** ଉତ୍ତରାଖଣ୍ଡର କେଦାରନାଥଠାରେ ହୋଇଥିବା ଭୂସ୍ଖଳନର କ୍ଷୟକ୍ଷତିକୁ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

**ପ୍ରଶ୍ନ :** 2021 ମସିହା ମୁମ୍ବାଇରେ ହୋଇଥିବା ଭୂସ୍ଖଳନ ଏବଂ ଉତ୍ତରାଖଣ୍ଡଠାରେ ହୋଇଥିବା ଭୂସ୍ଖଳନ ମଧ୍ୟରେ କ'ଣ ପାର୍ଥକ୍ୟ ଲକ୍ଷ୍ୟ କରୁଛ, ଲେଖ ।



ଭୂସ୍ଖଳନ ଏକ ପ୍ରାକୃତିକ ଘଟଣା ଯାହାକି ବିଭିନ୍ନ ପ୍ରକାରର ଭୂତଳ ଗତିକୁ ଅନ୍ତର୍ଭୁକ୍ତ କରିଥାଏ । ଯେପରିକି ପଥର ଖସିବା, ମାଟି ଅତଡ଼ା ଖସିବା, କାଦୁଅ ପ୍ରବାହ ଓ ଆବର୍ଜନା ପ୍ରବାହ ଇତ୍ୟାଦି । ଭୂସ୍ଖଳନ ପାହାଡ଼ଠାରୁ ଆରମ୍ଭକରି ସମୁଦ୍ର ଉପକୂଳରେ ଥିବା ପାହାଡ଼ର ଶିଖର ଏବଂ ଜଳମଗ୍ନ ଅଞ୍ଚଳରେ ମଧ୍ୟ ଦେଖାଯାଏ ।

ବିରାଟକାୟ ପରିମାଣର ମାଟି, ପଥର, ବାଲି ଓ କାଦୁଅ ଅଥବା ଏଗୁଡ଼ିକର ମିଶ୍ରଣ ଦୋହଲି ଯାଇ ତଳକୁ ଖସିଲେ ତାହାକୁ ଅତଡ଼ା ଖସିବା ବା ଭୂସ୍ଖଳନ କୁହାଯାଏ ।

## ଭୂସ୍ଖଳନର କାରଣ

ଭୂସ୍ଖଳନ ବିଭିନ୍ନ କାରଣରୁ ହୋଇପାରେ । ଏହାର କାରଣଗୁଡ଼ିକ ନିମ୍ନରେ ବର୍ଣ୍ଣିତ ହୋଇଛି ।

- ପ୍ରବଳ ବର୍ଷାହେତୁ ଏହା ହୋଇପାରେ ।
- ଭୂକମ୍ପ କିମ୍ବା ଆଗ୍ନେୟଗିରିର ଉଦ୍‌ଗୀରଣ ଦ୍ୱାରା ଏହା ଘଟିପାରେ ।
- ନଦୀ କିମ୍ବା ସମୁଦ୍ର ତରଙ୍ଗ ଦ୍ୱାରା ମୁହାଣର ମୃତ୍ତିକା କ୍ଷୟ ହେବା ଦ୍ୱାରା ଏହା ସଂଗଠିତ ହୋଇଥାଏ ।
- ଜଙ୍ଗଲ ନଷ୍ଟ ଏବଂ ନିର୍ମାଣ କାର୍ଯ୍ୟ ଯୋଗୁଁ ହୋଇପାରେ ।
- ପାର୍ବତ୍ୟ ଅଞ୍ଚଳରେ ରାସ୍ତା ଏବଂ ନିର୍ମାଣ କାର୍ଯ୍ୟ ପାଇଁ ବହୁ ସଂଖ୍ୟକ ପଥର ହଟାଇବାକୁ ପଡ଼ିଥାଏ । ଏଥିପାଇଁ ଭୂସ୍ଖଳନ ହୋଇଥାଏ ।
- ବିସ୍ଫୋରଣ ଏବଂ ଖଣିଖୋଦନ ଭୂସ୍ଖଳନର ଏକ ମୁଖ୍ୟ କାରଣ ହୋଇପାରେ ।
- ଭୂସ୍ଖଳନ ବଡବଡ ଯନ୍ତ୍ରପାତି ଏବଂ ଟ୍ରାଫିକ୍‌ରୁ ସୃଷ୍ଟି କମ୍ପନ ଦ୍ୱାରା ମଧ୍ୟ ହୋଇପାରେ ।
- କୃଷି, ବନବିଭାଗ କାର୍ଯ୍ୟକଳାପ ଏବଂ ସହରୀକରଣ ପାଇଁ ଭୂସ୍ଖଳନ ହୋଇପାରେ ।

## ତୁମପାଇଁ କାମ

ଜନସଂଖ୍ୟା ବୃଦ୍ଧି କିପରି ଭୂସ୍ଖଳନର କାରଣ ହୋଇପାରେ ଚିନ୍ତାକରି ଲେଖ ।


## ଭୂସ୍ଖଳନର ପ୍ରଭାବ :


ଭୂସ୍ଖଳନ ଅନେକ କ୍ଷୟକ୍ଷତି ଘଟାଇଥାଏ । ଏହାର ପ୍ରଭାବ ସମାଜ, ଅର୍ଥନୀତି ଏବଂ ପରିବେଶ ଉପରେ ପଡ଼ିଥାଏ । ଭୂସ୍ଖଳନର ପ୍ରଭାବ ସ୍ୱଳ୍ପକାଳୀନ ବା ଦୀର୍ଘକାଳୀନ ହୋଇପାରେ । ସେଗୁଡ଼ିକ ହେଲା :

- ଉକ୍ତ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଏ ।
- ରାସ୍ତା ଅବରୋଧ ହୋଇଯାଏ ।
- ଭୂମିରୂପ ଓ ଗଠନରେ ପରିବର୍ତ୍ତନ ହୋଇଥାଏ ।
- ଜୀବନ ଏବଂ ସମ୍ପତ୍ତି ହାନି ଘଟେ ।
- ଉର୍ବର ଜମି କିମ୍ବା ଚାଷ ଜମି ନଷ୍ଟ ହୋଇଯାଏ ।
- ରେଳ ଲାଇନଗୁଡ଼ିକ ନଷ୍ଟ ହୋଇଯାଏ ।
- କୋଠାଘର, ପାଣିପାଇପ୍ ଏବଂ ବିଦ୍ୟୁତ୍ ପ୍ରବାହ କ୍ଷତିଗ୍ରସ୍ତ ହୁଏ ।
- ଭୂସ୍ଖଳନ ବେଳେବେଳେ ବନ୍ୟା ପରିସ୍ଥିତି ଉପୁଯାଇ ଥାଏ ।
- ଲୋକମାନଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିଥାଏ ।
- ଜଳର ଉତ୍ସ ଉପରେ ପ୍ରଭାବ ପକାଇଥାଏ ।
- କିଛି ରାସ୍ତା ସବୁଦିନ ପାଇଁ ନଷ୍ଟ କିମ୍ବା ବନ୍ଦ ହୋଇଯାଇଥାଏ ।

### ତୁମ ପାଇଁ କାମ

ଭୂସ୍ଖଳନର ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ପ୍ରଭାବଗୁଡ଼ିକୁ ଆଲୋଚନା କରି ଲେଖ ।



### ତୁମେ ଜାଣିଛ କି ?

ମାଟି ଅତଡ଼ା ଖସିବା ଘଟଣା ତଥା ତଜ୍ଜନିତ ଗମ୍ଭୀରତା ଓ କ୍ଷୟକ୍ଷତି ଦୃଷ୍ଟିରୁ ଦେଶକୁ ସ୍ଥୂଳତଃ ନିମ୍ନଲିଖିତ ପ୍ରକାରରେ ବିଭକ୍ତ କରାଯାଇଛି ।

| ଅଞ୍ଚଳ | ଅତଡ଼ା ଖସିବାର ପରିମାଣ |
|---|---|
| ହିମାଳୟ ଅଞ୍ଚଳ | ବେଶୀରୁ ଅତି ବେଶୀ |
| ଉତ୍ତର ପୂର୍ବାଞ୍ଚଳ ପର୍ବତଶ୍ରେଣୀ | ବେଶୀ |
| ପଶ୍ଚିମଘାଟ ଓ ନୀଳଗିରି ଅଞ୍ଚଳ | ମଧ୍ୟମରୁ ବେଶୀ |
| ପୂର୍ବଘାଟ | ଅଳ୍ପ |
| ବିନ୍ଧ୍ୟାଞ୍ଚଳ | ଅଳ୍ପ |

### ଓଡ଼ିଶାର ଗଜପତିରେ ଭୂସ୍ଖଳନ

2019 ମସିହା ଅକ୍ଟୋବର ମାସ 24 ତାରିଖରେ ଓଡ଼ିଶାର ଗଜପତି ଜିଲ୍ଲାରେ ଭୂସ୍ଖଳନ ହେତୁ ପ୍ରାୟ 20ଟି ଘର ନଷ୍ଟ ହେବା ସହିତ ବହୁ କ୍ଷୟକ୍ଷତି ହୋଇଥିଲା । ଏହି ଘଟଣା ଗଜପତି ଜିଲ୍ଲାର ଗୁମ୍ମା ତହସିଲରେ ଘଟିଥିଲା ।

### ଭୂସ୍ଖଳନରୁ ସୁରକ୍ଷା ଓ ନିରାପତ୍ତା ଉପାୟ

ଖୁବ୍ କମ୍ ସମୟ ମଧ୍ୟରେ ପ୍ରବଳ ବର୍ଷା ହେଲେ ପାହାଡ଼ି ବନ୍ୟା, ଭୂସ୍ଖଳନ ଏବଂ ସହରାଞ୍ଚଳ ବନ୍ୟା ହୋଇଥାଏ । ପାର୍ବତ୍ୟାଞ୍ଚଳରେ ଅତି ପ୍ରବଳ ବର୍ଷା ହେବା ଫଳରେ ପାହାଡ଼ ଉପରୁ ଖୁବ୍ ବେଗରେ ପାଣି ବୋହି ଆସି ପର୍ବତ ପାଦ ଦେଶରେ ଜଳାର୍ଣ୍ଣବ ସୃଷ୍ଟି କରିଥାଏ । ବେଳେବେଳେ ଏହି ପାଣିର ବେଗ ସହ ମାଟି ଓ ପଥରର ଅତଡ଼ା ସବୁ ଖସିଥାଏ । ଭୂସ୍ଖଳନରେ ବିପଦ ଥିଲେ ଆମେ ନିମ୍ନରେ ବର୍ଣ୍ଣିତ ସୁରକ୍ଷା ଏବଂ ନିରାପତ୍ତାର ଉପାୟକୁ ଅବଲମ୍ବନ କରିପାରିବା ।

→ ନିଜ ଘର ଓ ଚାରିପାଖରେ ଥିବା ଭୂମିରୂପ, ଭୂସ୍ଖଳନର ଇତିହାସ, ପାଣି ପ୍ରବାହର ମାର୍ଗ, ଏହାର ଗତି ଓ ଗଭୀରତା ଜାଣି ରଖିବା ।

→ ନିଜ ଅଞ୍ଚଳରେ ଭୂସ୍ଖଳନ ହେଉଥିଲେ, ବିକଳ୍ପ ରାସ୍ତା ଓ ନିରାପଦ ସ୍ଥାନକୁ ଚିହ୍ନଟ କରିବା ଓ ପରିବାରର ସମସ୍ତଙ୍କୁ ଜଣାଇବା ।

→ ଝଡ଼ ଓ ବର୍ଷା ସମୟରେ ଘରୁ ନ ବାହାରିବା । ଘରର ଉପର ମହଲାକୁ ଚାଲିଯିବା ।

→ ଯିବାବେଳେ ଭୂସ୍ଖଳନ ବା ଜଳପ୍ରବାହର ପଥ ପାରିହୋଇ ଯିବା ନାହିଁ । କାରଣ ଏହା ନିରାପଦ ନୁହେଁ । ରାସ୍ତା ବୁଡ଼ିଥିଲେ ପାରି ହେବା ନାହିଁ ।

→ କୌଣସି ଅସ୍ୱାଭାବିକ ଶବ୍ଦ ଯଥା; ପଥର ଗଡ଼ିବା, ମାଟି ଧସିବା, ଗଛ ପଡ଼ିବା, ପାଣି ବୋହିବାର ଶବ୍ଦ କାନ ଡେରି ଶୁଣିବା । ଏପରି ଶବ୍ଦ ଶୁଣିଲେ ଏହା ଭୂସ୍ଖଳନ ବା ଦ୍ରୁତ ଜଳପ୍ରବାହର ଶବ୍ଦ ହୋଇପାରେ ବୋଲି ଅନୁମାନ କରିବା ଓ ଏଥି ପ୍ରତି ସତର୍କ ରହିବା ।

→ ବର୍ଷା ସମୟରେ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଓ ରାସ୍ତାରରେ ଯିବା ନାହିଁ ।

→ ଭୂସ୍ଖଳନ ବିପଦର ଆଶଙ୍କା ଥିଲେ ସ୍ଥାନୀୟ ଜରୁରୀ ବିଭାଗ ଯଥା; ଜିଲ୍ଲା ପ୍ରଶାସନ, ପୋଲିସ୍, ଦମକଳ କେନ୍ଦ୍ର ଆଦିକୁ ଯୋଗାଯୋଗ କରିବା । ପାଖପଡ଼ିଶା ଲୋକଙ୍କୁ ମଧ୍ୟ ସତର୍କ କରିବା ।

→ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ଅଧିକ ଭୂସ୍ଖଳନ ହୋଇଥାଏ, ତେଣୁ ଏହି ଅଞ୍ଚଳରୁ ଦୂରେଇ ରହିବା ।

→ ଭୂସ୍ଖଳନ ହୋଇଥିବା ସ୍ଥାନରେ ସିଧା ପଶି ନ ଯାଇ ଲୋକଙ୍କୁ ଉଦ୍ଧାର ପାଇଁ ଅଭିଜ୍ଞ ଉଦ୍ଧାରକାରୀ ଦଳର ସହାୟତା ନେବା ।

→ ଭୂସ୍ଖଳନ ପରେ ବନ୍ୟା ଆସିପାରେ, ତେଣୁ ସତର୍କ ରହିବା ।

→ ଭୂସ୍ଖଳନ ପରେ ନିଜ ଘରର ମୂଳଦୁଆ, ଚିମିନି, କାନ୍ଥ ଓ ଛାତ ଇତ୍ୟାଦିକୁ ପରୀକ୍ଷା କରି ଘରେ ପ୍ରବେଶ କରିବା ।

→ ନିଜ ଅଞ୍ଚଳରେ ବହୁଳ ମାତ୍ରାରେ ଗଛ କାଟିବାକୁ ବନ୍ଦ କରିବା ଓ ଗଛ ଲଗାଇବାକୁ ସଚେତନ କରାଇବା ।

→ ଅନୈତିକ ଖଣିଖୋଦନ କାର୍ଯ୍ୟ ଚାଲୁଥିଲେ ପ୍ରଶାସନକୁ ଜଣାଇବା ।

→ ବିପଦପୂର୍ଣ୍ଣ ଅଞ୍ଚଳରେ ନିର୍ମାଣ ଉପରେ ପ୍ରତିବନ୍ଧକ ଲଗାଇବା ନିମିତ୍ତ ପ୍ରଶାସନକୁ ଜଣାଇବା ।

→ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଇବା ।

→ ପାହାଡ଼ିଆ ଅଞ୍ଚଳରେ ସୋପାନ ଚାଷ କାର୍ଯ୍ୟ କରିବା ।

### ତୁମେ ଜାଣିଛ କି ?

- ବୃକ୍ଷରୋପଣ ଏବଂ ନୂତନ ଜଙ୍ଗଲ ସୃଷ୍ଟିର ସଚେତନା ପାଇଁ ପ୍ରତ୍ୟେକ ବର୍ଷ ଜୁଲାଇ ମାସ 1 ତାରିଖରୁ 7 ତାରିଖ ପର୍ଯ୍ୟନ୍ତ 'ବନମହୋତ୍ସବ' ସପ୍ତାହ ପାଳନ କରାଯାଉଛି ।
- ଏହା କେ. ଏମ୍. ମୁନ୍‌ସୀଙ୍କ ଦ୍ୱାରା 1950 ମସିହାରେ ଆରମ୍ଭ ହୋଇଥିଲା ।





## ତୁମ ପାଇଁ କାମ :

ଉପରେ ଦିଆଯାଇଥିବା ଭୂସ୍ଖଳନ ଘଟଣାର ସ୍ଥାନ, ତାରିଖ, ଦିବସ ସହ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଏକ ବିବରଣୀ ପ୍ରସ୍ତୁତ କରି ନିଜ ଖାତାରେ ଲେଖ ।

ଭାରତ ତଥା ଓଡ଼ିଶାର କେତେକ ଅଞ୍ଚଳରେ ଭୂସ୍ଖଳନ ଦେଖାଯାଏ । ଏହା ଏକ ପ୍ରାକୃତିକ ବିପର୍ଯ୍ୟୟ । ଜଳ ନିଷ୍କାସନର ସମୁଚିତ ବ୍ୟବସ୍ଥା, ଭୂମିର ଉପଯୁକ୍ତ ବିନିଯୋଗ, ଜଙ୍ଗଲ ସୃଷ୍ଟି, ଅତଡ଼ା ଖସିବାର ଆଶଙ୍କା ରହିଥିବା ଅଞ୍ଚଳଗୁଡ଼ିକରେ ଜନବସତି ନ ରଖିବା ବା କମ୍ ରଖିବା ଏବଂ ଜନ ସଚେତନତା ବୃଦ୍ଧି କରିବା ଦ୍ୱାରା ଭୂସ୍ଖଳନ ଜନିତ ବିପଦକୁ ଯଥା ସମ୍ଭବ ହ୍ରାସ କରାଯାଇପାରେ ।

## ପ୍ରକଳ୍ପ କାର୍ଯ୍ୟ

ଯେକୌଣସି ଦୁଇଟି ପ୍ରମୁଖ ଭୂସ୍ଖଳନର ସ୍ଥାନ, ତାରିଖ ଏବଂ କ୍ଷୟକ୍ଷତି ସମ୍ପର୍କରେ ଚିତ୍ର ସହ ବିବରଣୀ ଦିଅ ।

# କାଳବୈଶାଖୀ

ପିଣ୍ଟୁ ଓ ଚିଣ୍ଟୁ ଭାରି ସାଙ୍ଗ । ଦୁହେଁ ଏକା ଶ୍ରେଣୀରେ ପଢ଼ନ୍ତି । ବାର୍ଷିକ ପରୀକ୍ଷା ସରିଯାଇଥାଏ । ପିଣ୍ଟୁର ମାମୁ ଆସି ଘରେ ପହଞ୍ଚିଲେ । ଯିବା ବେଳକୁ ପିଣ୍ଟୁକୁ ତାଙ୍କ ସାଙ୍ଗରେ ନେବା ପାଇଁ କହିଲେ । ହେଲେ ପିଣ୍ଟୁର ଜମା ଯିବାକୁ ଇଚ୍ଛା ନ ଥାଏ । କାରଣ ପରୀକ୍ଷା ସରିଯିବା ହେତୁ ଖରାଦିନ ଛୁଟି ଆରମ୍ଭ ହୋଇଯାଇଥାଏ । ପିଣ୍ଟୁ, ଚିଣ୍ଟୁ ସଙ୍ଗେ ମିଶି ଖେଳାବୁଲା କରିବାକୁ ଯୋଜନା କରିଥିଲା । କିନ୍ତୁ ମାମୁ ବାଧ କରିବାରୁ ସେ ଯିବା ପାଇଁ ବାହାରିଲା । ଏହି ସମୟରେ ଚିଣ୍ଟୁ ତାକୁ ବେଶୀଦିନ ନ ରହି ଶୀଘ୍ର ଆସିବାକୁ କହିଲା ।

ପିଣ୍ଟୁ ତା' ମାମୁ ଘରୁ ଚାରିଦିନ ରହି ଫେରିଲା । ଏତେ ଦିନ ପରେ ଫେରିବାରୁ ଚିଣ୍ଟୁ ତାକୁ ବ୍ୟସ୍ତ ହୋଇ ପଚାରିଲା, "ପିଣ୍ଟୁ, ତୋର ଆସିବାରେ କାହିଁକି ଡେରିହେଲା କିରେ ?"

ପିଣ୍ଟୁ କହିଲା, ଆରେ ମୁଁ ଦୁଇଦିନତଳେ ଘରକୁ ଆସିବାକୁ ବାହାରିଥିଲି । କିନ୍ତୁ ହଠାତ୍ ସେ ଦିନ ଖରାବେଳେ ଚାରିଆଡ଼େ ଅନ୍ଧାର ହୋଇଗଲା । ସୂର୍ଯ୍ୟ କେଉଁ ଆଡ଼େ ଲୁଚିଗଲେ । ଜୋର୍‌ରେ ପବନ ବହିଲା । ଘଡଘଡି ସହ କୁଆପଥର ବର୍ଷା ଅଜାଡ଼ି ହୋଇପଡ଼ିଲା । ବହୁ ଜୋର୍‌ରେ ପବନ ବହି ସବୁ ଜିନିଷ ଉଡ଼ାଇନେଲା, କିନ୍ତୁ ଅଳ୍ପ କିଛି ସମୟ ପରେ ସବୁ ବନ୍ଦ ହୋଇଗଲା ।

ମୁଁ ଘରୁ ବାହାରି ଦେଖିଲି, କେଉଁଠି ଗାଈ ଗୁହାଳର ଚାଳ ଉଡ଼ିଯାଇଛି ତ, କେଉଁଠି ଗଛ ଡାଳ ଭାଙ୍ଗି ପଡ଼ିଛି, ଆଉ କେଉଁଠି ବିଦ୍ୟୁତ୍ ତାର ଛିଡ଼ି ତଳେ ପଡ଼ିଛି, ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗି ପଡ଼ିଛି । ରାସ୍ତାରେ ଗାଡ଼ିମଟର ଚାଲିବା ବନ୍ଦ ହୋଇଯାଇଛି । ଆଉ ତା'ପରେ......

**ଚିନ୍ତା କରି ତଳ ପ୍ରଶ୍ନର ଉତ୍ତର କହିବା ।**

- ଏହି ଗପରେ ପିଣ୍ଟୁ କ'ଣ ସବୁ ବର୍ଣ୍ଣନା କରିଛି ?
- ସେହି ଘଟଣାରୁ ତୁମେ କ'ଣ ଚିନ୍ତା କରୁଛ ?
- ତୁମର ଏହିପରି କିଛି ଘଟଣାର ଅନୁଭୂତି ଅଛି କି ? ତାହା ସମ୍ପର୍କରେ କୁହ ।

ତୁମେମାନେ ଖରାଦିନେ ଅନେକ ପ୍ରକାରର ଧୂଳିଝଡ଼ ଓ ତୋଫାନକୁ ସାମ୍ନା କରିଥିବ । ଏହାର ଭୟାବହତାକୁ ମଧ୍ୟ ଅନୁଭବ କରିଥିବ । ତେବେ ଆସ, ଏହା ସମ୍ପର୍କରେ ଆମେ ଅଧିକ କିଛି ଆଲୋଚନା କରିବା ।

ସାଧାରଣତଃ ମାର୍ଚ୍ଚ ଓ ଏପ୍ରିଲ ମାସ ଅପରାହ୍ନରେ ଓଡ଼ିଶା ଓ ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ଅଞ୍ଚଳରେ ଘଟୁଥିବା ପ୍ରବଳ ଘଡଘଡି ସହ ଘୂର୍ଣ୍ଣିବାତ୍ୟାକୁ କାଳବୈଶାଖୀ କୁହାଯାଏ ।

କାଳବୈଶାଖୀ ହଠାତ୍ ଆସିଥାଏ । ଏଣୁ ବହୁ ଆଗରୁ ଏହାର ସୂଚନା ମିଳେ ନାହିଁ । ପାରିପାର୍ଶ୍ୱିକ ଅବସ୍ଥା ଓ ପାଣିପାଗର ନିମ୍ନ ଲକ୍ଷଣ ପ୍ରକାଶ ପାଇଲେ ଏହା ଆସିବାର ସମ୍ଭାବନା ଅଛି ବୋଲି ଅନୁମାନ କରିବା ।



- ଆକାଶ ଅନ୍ଧାରିଆ ଦେଖାଯିବା,
- ଘଡଘଡି ସହ ବଡବଡ କୁଆପଥର ବର୍ଷା ହେବା,
- ଧୂଳିଆ ରଙ୍ଗର ବାଦଲ ଦେଖାଦେବା,
- ନଳୀ ବା କାହାଳୀ ଭଳି ବାଦଲ ଦେଖାଦେବା,
- ବିଜୁଳି ସହ ଘଡଘଡିର ଭୀଷଣ ଶବ୍ଦ ଶୁଭିବା
- ଘୁଁ ଘୁଁ ଭଳି ଶବ୍ଦକରି ପ୍ରଖର ବେଗରେ ପବନ ବହିବା,
- ଉପରେ ଖରା ଓ ତଳେ କାଳବୈଶାଖୀ ଦେଖାଯାଇପାରେ ଏବଂ ଏହା ସହିତ ପ୍ରବଳ ବର୍ଷା ମଧ୍ୟ ହେଇପାରେ ।

**ତୁମେ ଜାଣିଛ କି ?**

2021 ମସିହା ମେ'ମାସ 26 ତାରିଖ ଦିନ ଯେତେବେଳେ ବାତ୍ୟା 'ୟାସ୍' (Yaas) ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ ଅତିକ୍ରମ କରୁଥିଲା, ତାହା କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି କରିଥିଲା । ଯାହାକି ଗୋଟିଏ କାଳବୈଶାଖୀର ରୂପ ନେଇଥିଲା । ଏହା ସେହି ସ୍ଥାନୀୟ ଅଞ୍ଚଳରେ ବିପତ୍ତି ସୃଷ୍ଟି କରିବା ସହିତ ବହୁତ କ୍ଷୟକ୍ଷତି ଘଟାଇଥିଲା ।



ସେଦିନ ଥାଏ ସୋମବାର 15 ଜୁନ୍ 2020 ମସିହା । ହଠାତ୍ ଏକ ଘୂର୍ଣ୍ଣିବଳୟ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଓ ତଳଚୁଆ



ଅଞ୍ଚଳକୁ ସ୍ପର୍ଶ କଲା ଓ ପ୍ରବଳ ଜୋର୍‌ରେ ବର୍ଷା ସୃଷ୍ଟିକଲା । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ଏହି ଘୂର୍ଣ୍ଣିବଳୟ ଏକ କାହାଳୀ (ଫନେଲ) ଆକୃତିର ହୋଇଥିଲା । ଘୂର୍ଣ୍ଣିବାତ୍ୟା ସମୟରେ ହଠାତ୍ ଆକାଶ ଅନ୍ଧକାର ଦେଖାଗଲା, ପ୍ରବଳ ପବନ ପ୍ରବାହିତ ହେଲା, ଘରଗୁଡ଼ିକର ଛାତ ଉଡ଼ିଗଲା, ବିଦ୍ୟୁତ୍ ତାର ଛିଣ୍ଡିପଡ଼ିଲା ଓ ଗଛଗୁଡ଼ିକ ଉପୁଡ଼ିଗଲା । ଏହି ଦୁଇଟି ଗାଁର ପ୍ରାୟ ଚବିଶଟି ପରିବାର କ୍ଷୟକ୍ଷତିର ଶିକାର ହୋଇଥିଲେ ।

**କାଳବୈଶାଖୀରୁ ସୁରକ୍ଷା ଉପାୟ**

କାଳବୈଶାଖୀ ଖରାଦିନେ ହଠାତ୍ ଆସିବା ସହିତ ବହୁ ଧନଜୀବନ କ୍ଷୟକ୍ଷତି କରିଥାଏ । ଏହାଠାରୁ ରକ୍ଷା ପାଇବା ପାଇଁ ନିମ୍ନ ବର୍ଣ୍ଣିତ ସୁରକ୍ଷା ଉପାୟଗୁଡ଼ିକୁ ଆପଣାଇବା ଆବଶ୍ୟକ ।

→ ପାଣିପାଗ ବିଭାଗ ତରଫରୁ କାଳବୈଶାଖୀ ସମ୍ପର୍କରେ ପୂର୍ବରୁ ମିଳିଥିବା ସୂଚନାକୁ ଧ୍ୟାନର ସହିତ ଶୁଣିବା ଓ ସତର୍କ ରହିବା ।

→ ନିଜ ଘରର ଏକ ସୁରକ୍ଷିତ ସ୍ଥାନ ବାଛି କାଳବୈଶାଖୀ ସମୟରେ ପରିବାରର ସମସ୍ତ ସଦସ୍ୟ ଏକାଠି ରହିବା ।

→ ଭୂମିର ଅତି ନିକଟତର ହୋଇ ରହିବା ।

→ ଝରକାଠାରୁ ଦୂରେଇ ରହିବା ଏବଂ ଝରକାଗୁଡ଼ିକୁ ଖୁବ୍ ଭଲଭାବରେ ବନ୍ଦ କରିବା ।

→ କଚ୍ଚା ଘରେ ରହୁଥିଲେ, ନିକଟରେ ଥିବା ପକ୍କା ଘରକୁ ଯାଇ ଆଶ୍ରୟ ନେବା ।

→ ଯଦି ଘର ନିକଟରେ କୌଣସି ପକ୍କାଘର ନାହିଁ, ତେବେ ନିଚା ଭୂମି ଉପରେ ପିଠି ମାଡ଼ି ଶୋଇ ରହିବା, ଫଳରେ ଉଡୁଥିବା ଜିନିଷ ଉପର ଦେଇ ଉଡ଼ିଯିବ ।

→ ପୋଲଗୁଡ଼ିକ ଦୁର୍ବଳ ଥିଲେ ଭାଙ୍ଗିଯାଇପାରେ, ତେଣୁ ତା' ପାଖକୁ ନ ଯିବା ।

→ ବଡ଼ ଟେବୁଲ ଭଳି ଓଜନିଆ ଜିନିଷ ତଳେ ଆଶ୍ରୟ ନେବା ଓ ଏହାକୁ ଜାବୁଡ଼ି ଧରି ନିଜକୁ ସୁରକ୍ଷିତ ରଖିବା ।

→ ଛୋଟ ପିଲା, ବୟସ୍କ, ଶାରୀରିକ ଅକ୍ଷମ ଆଦି ଲୋକଙ୍କୁ ସାହାଯ୍ୟ କରିବା ।

→ ଚାଳ ଓ ଆଜବେଷ୍ଟସ୍ ଘର ପବନ ଦ୍ୱାରା ପ୍ରଥମେ ନଷ୍ଟ ହୁଏ, ତେଣୁ ସେଠାରୁ ଦୂରେଇ ରହିବା ।

→ କାର, ମୋଟର ସାଇକେଲ ବା ସାଇକେଲ୍ ଚଳାଇ ରାସ୍ତାରେ ଯାଉଥିଲେ, ସଙ୍ଗେସଙ୍ଗେ ନିକଟବର୍ତ୍ତୀ କୋଠାଘରକୁ ଚାଲିଯିବା ।

## କାଳବୈଶାଖୀ ଚାଲିଗଲା ପରେ କ'ଣ କରିବା ?




କାଳବୈଶାଖୀ ପରେ ସେହି ସ୍ଥାନକୁ ସଜାଡ଼ିବା ପାଇଁ କେଉଁକେଉଁ କାର୍ଯ୍ୟ କରାଗଲା ବୋଲି ପିଣ୍ଟୁ କହିଥିବ ?

______________________________

______________________________

______________________________

କାଳବୈଶାଖୀ ପ୍ରଭାବିତ ଅଞ୍ଚଳର ପରିସ୍ଥିତିକୁ ସୁଧାରିବା ପାଇଁ ସରକାରୀ ଓ ବେସରକାରୀ କର୍ମଚାରୀମାନଙ୍କ ସହିତ ସ୍ଥାନୀୟ ଜନସାଧାରଣଙ୍କ ସହାୟତା ଏକାନ୍ତ ଆବଶ୍ୟକ । ତେବେ ଆସ, କାଳବୈଶାଖୀ ଚାଲିଗଲା ପରେ କେଉଁ ସବୁ କାର୍ଯ୍ୟ କରିବା, ସେ ସମ୍ପର୍କରେ ଆଲୋଚନା କରିବା ।

→ ଘଟଣା ବିଷୟରେ ସ୍ଥାନୀୟ ପ୍ରଶାସନ ଯଥା; ବିଡ଼ିଓ, ତହସିଲଦାର, ଉପଜିଲ୍ଲାପାଳ, ଜିଲ୍ଲାପାଳ, ପୋଲିସ୍ ବା ଦମକଳ ଅଫିସକୁ ତୁରନ୍ତ ଖବର ଦେବା ।

→ ଖଣ୍ଡିଆ ଖାବରା ହୋଇଥିବା ବା ଭଙ୍ଗା ଘର ଭିତରେ ରହିଯାଇଥିବା ଲୋକଙ୍କୁ ଉଦ୍ଧାର କରିବା । ଆବଶ୍ୟକସ୍ଥଳେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରିବା ।

→ ତଳେ ଖସିପଡ଼ିଥିବା ବିଦ୍ୟୁତ୍ ତାର ସମ୍ପର୍କରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗକୁ ଜଣାଇବା । ଯାହା ଫଳରେ ଅଘଟଣକୁ ଏଡ଼ାଇ ପାରିବା ।

→ ଭଙ୍ଗାଘର ଭିତରକୁ ପ୍ରବେଶ କରିବାକୁ ଥିଲେ ସତର୍କତା ଅବଲମ୍ବନ କରିବା । ଗୋଡ଼ରେ ଚପଲ ବା ଜୋତା ପିନ୍ଧି ଘର ଭିତରକୁ ପ୍ରବେଶ କରିବା ।

→ ଅନ୍ଧାରୁଆ ଘର ଭିତରେ ପ୍ରବେଶ କଲେ ଟର୍ଚ୍ଚଲାଇଟ୍ ବ୍ୟବହାର କରିବା ।

→ ଘରର ପ୍ରତ୍ୟେକ ଅଂଶ ଯଥା: କାନ୍ଥ, କବାଟ, ଚଟାଣ, ପାହାଚ ଏବଂ ଝରକା ଆଦିର ଅବସ୍ଥାକୁ ଯାଞ୍ଚ କରିବା ଏବଂ ଘରର ନିରାପଦ ସ୍ଥିତିକୁ ଦେଖି ସେହି ଘରେ ରହିବା କି ନାହିଁ ସ୍ଥିର କରିବା ।

କାଳବୈଶାଖୀ ହେଉଛି ଏକ ପ୍ରାକୃତିକ ଘଟଣା ଯାହା ହଠାତ୍ ଆସିଥାଏ । ଏହା ବହୁତ କ୍ଷୟକ୍ଷତି ମଧ୍ୟ କରିଥାଏ । କିନ୍ତୁ ଜନସଚେତନତା ଏବଂ ସତର୍କତା ମାଧ୍ୟମରେ ସମ୍ଭାବ୍ୟ ବିପର୍ଯ୍ୟୟକୁ ଅନେକାଂଶରେ ଏଡ଼ାଇ ଦିଆଯାଇ ପାରିବ ।

## ତୁମ ପାଇଁ କାମ

### (ପ୍ରକଳ୍ପ କାର୍ଯ୍ୟ)

ଓଡ଼ିଶା ତଥା ଭାରତରେ ଘଟିଥିବା ଏକ କାଳବୈଶାଖୀର ବିବରଣୀ ଚିତ୍ର ସହ ପ୍ରସ୍ତୁତ କର ।

## ଅଭ୍ୟାସ କାର୍ଯ୍ୟ

**ପ୍ର. ୧. ଉପଯୁକ୍ତ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) କାଳବୈଶାଖୀ ଘୂର୍ଣ୍ଣିବଳୟ __________ ରୂପ ଧାରଣ କରିଥାଏ ।

(i) କାହାଳୀ ଆକୃତି (ii) ଗୋଲାକୃତି (iii) ବର୍ଗାକୃତି (iv) ଅଣ୍ଡାକୃତି

(ଖ) ମହାବାତ୍ୟାରେ ପବନର ବେଗ ଘଣ୍ଟା ପ୍ରତି __________ କି.ମି.ରୁ ଅଧିକ ହୋଇଥାଏ ।

(i) 118 କି.ମି.ରୁ ଅଧିକ (ii) 150 କି.ମି.ରୁ ଅଧିକ (iii) 88 କି.ମି.ରୁ ଅଧିକ (iv) 222 କି.ମି.ରୁ ଅଧିକ

(ଗ) ଓଡ଼ିଶାର ସବୁଠାରୁ ଶୀତଳତମ ସ୍ଥାନର ନାମ __________ ଅଟେ ।

(i) ଫୁଲବାଣୀ (ii) ରାଇରଙ୍ଗପୁର (iii) ଦେଓମାଳି (iv) ଦାରିଙ୍ଗବାଡ଼ି

(ଘ) ଉତ୍ତରାଖଣ୍ଡର କେଦାରନାଥଠାରେ __________ ମସିହାରେ ଭୂସ୍ଖଳନ ହୋଇଥିଲା ।

(i) 2012 (ii) 2009 (iii) 2013 (iv) 2020

(ଙ) ଓଡ଼ିଶା ସରକାରଙ୍କର __________ ବାହିନୀ ବିପତ୍ତି ବିପର୍ଯ୍ୟୟର ସୁରକ୍ଷା ଓ ପରିଚାଳନା ନିମନ୍ତେ କାର୍ଯ୍ୟ କରୁଅଛି ।

(i) NDRF (ii) ODRAF (iii) OSEPA (iv) OSDMA

**ପ୍ର. ୨. ଗୋଟିଏ ବାକ୍ୟରେ ଉତ୍ତର ଲେଖ ।**

(କ) ବିପର୍ଯ୍ୟୟ କହିଲେ କ'ଣ ବୁଝ ?

______________________________

(ଖ) ଓଡ଼ିଶାର କେଉଁକେଉଁ ଜିଲ୍ଲାରେ ଶୀତଳହରୀ ଅନୁଭୂତ ହୁଏ ?

______________________________

(ଗ) ଫନି ଏବଂ ଅମ୍ଫାନ ମହାବାତ୍ୟା କେଉଁ ମସିହାରେ ହୋଇଥିଲା ?

______________________________

(ଘ) ଭାରତରେ କେବେ ବନମହୋତ୍ସବ ସପ୍ତାହ ପାଳନ କରାଯାଏ ?

______________________________

(ଙ) ବାତ୍ୟା ଛାଡ଼ିଗଲା ପରେ ଏହାର ମୁକାବିଲା ପାଇଁ ଜନସାଧାରଣଙ୍କର ଯେ କୌଣସି ଦୁଇଟି କର୍ତ୍ତବ୍ୟ ଲେଖ ।

______________________________

**ପ୍ର. ୩. ସଂକ୍ଷେପରେ ଉତ୍ତର ଦିଅ ।**

(କ) ବାତ୍ୟାରୁ ରକ୍ଷା ପାଇବା ପାଇଁ ଆମେ କିକି ପ୍ରକାରର ସତର୍କତା ଅବଲମ୍ବନ କରିବା ?

______________________________

(ଖ) କାଳବୈଶାଖୀ ଆସିବା ପୂର୍ବରୁ ପାରିପାର୍ଶ୍ୱିକ ଅବସ୍ଥା ଏବଂ ପାଣିପାଗରେ କେଉଁ ସବୁ ଲକ୍ଷଣ ଦେଖାଯାଏ ?

______________________________

(ଗ) କାଳବୈଶାଖୀରେ କେଉଁ ପ୍ରକାରର କ୍ଷୟକ୍ଷତି ଘଟିଥାଏ ?

______________________________

(ଘ) ଭୂସ୍ଖଳନ ସାଧାରଣତଃ କେଉଁ ଅଞ୍ଚଳରେ ହୋଇଥାଏ ଓ ଏହା କିପରି ଭୟାବହତା ସୃଷ୍ଟି କରେ ?

______________________________

(ଙ) ବୃକ୍ଷରୋପଣ ଦ୍ୱାରା ଭୂସ୍ଖଳନକୁ କିପରି ରୋକାଯାଇପାରିବ, ଉପାୟଗୁଡ଼ିକ ଲେଖ ।

______________________________

(ଚ) ଓଡ଼ିଶାର କେଉଁକେଉଁ ଅଞ୍ଚଳରେ ଅଧିକ ବାତ୍ୟା ହୋଇଥାଏ ଏବଂ ସେଠାରେ କି ପ୍ରକାର କ୍ଷତି ଘଟିଥାଏ ?

______________________________

(ଛ) ଶୀତଲହରୀ କହିଲେ କ'ଣ ବୁଝ ? ଅଧିକ ଶୀତପ୍ରବାହ ସମୟରେ ଆମେ କ'ଣ କରିବା ନାହିଁ ?

______________________________

**ପ୍ର. ୪. ବିଭିନ୍ନ ପ୍ରକାରର ବିପର୍ଯ୍ୟୟକୁ ଶବ୍ଦଖେଳ ମାଧ୍ୟମରେ ବାହାର କର ।**

| | | | | |
|---|---|---|---|---|
| ଟ | କ | କା | ଚ | ଶ |
| ଭୂ | ସ୍ଖ | ଳ | ନ | ମ |
| ମି | ଳ | ବୈ | ବ | ହା |
| କ | ନ | ଶା | ନ୍ୟା | ବା |
| ମ୍ପ | ର | ଖୀ | ଥ | ତ୍ୟା |

ପ୍ର. ୪.    ମାନଚିତ୍ରରୁ ଦର୍ଶାଅ ।

ଭାରତର କେଉଁ କେଉଁ ରାଜ୍ୟଗୁଡ଼ିକ ବାତ୍ୟାଦ୍ୱାରା ଅଧିକ ପ୍ରଭାବିତ ହୋଇଥା'ନ୍ତି, ମାନଚିତ୍ର ଦେଖି ଚିହ୍ନଟ କର ।



# ଦ୍ୱିତୀୟ ଅଧ୍ୟାୟ

# ମହାମାରୀ

ସେଦିନ ଥାଏ ଗୁରୁବାର, ଖରାବେଳ ସମୟ । ସ୍କୁଲରେ ଖାଇବାଛୁଟି ହୋଇଥାଏ । ସବୁଦିନ ଭଳି ରକି ଓ ବିକି ଦୁହେଁ ସାଙ୍ଗ ହୋଇ ଟିଫିନ୍ ଖାଇବାକୁ ବସିଲେ । ହଠାତ୍ ବିକିର ପେଟ ଖୁବ୍ ଜୋର୍‌ରେ କାଟିଲା ଏବଂ ସେ ବ୍ୟସ୍ତ ହୋଇପଡ଼ିଲା । ରକି ଦୌଡ଼ିଯାଇ ଶିକ୍ଷୟିତ୍ରୀଙ୍କୁ ଡାକିଲା ଏବଂ ଶିକ୍ଷୟିତ୍ରୀ ତାକୁ ସଙ୍ଗେସଙ୍ଗେ ଡାକ୍ତରଙ୍କ ନିକଟକୁ ଯିବାପାଇଁ କହିଲେ ଓ ଘରେ ଯାଇ ବିଶ୍ରାମ ନେବାକୁ କହିଲେ । ସଂଧ୍ୟା ସମୟରେ ରକି ବିକିକୁ ଦେଖାକରିବାକୁ ଗଲା । ବିକି ଔଷଧ ଖାଇଥିବାରୁ ତାକୁ ଟିକେ ଭଲ ଲାଗୁଥିଲା । ସେ ସମୟରେ ରକି କହିଲା, ବୁଝିଲୁ ବିକି ଆଜି ତୋ ଦେହ ଖରାପ ଦେଖି ମୋ ମନ ଭାରି ଦୁଃଖ ହେଲା ଏବଂ ଜେଜେବାପାଙ୍କ କଥା ମନେପଡ଼ିଲା । ଜେଜେବାପା କହୁଥିଲେ, ତାଙ୍କ ପିଲାଦିନ ସମୟରେ ଗାଁରେ ବିଶୁଦ୍ଧ ପାନୀୟ ଜଳର ଅଭାବ ଓ ଦୂଷିତ ଖାଦ୍ୟ ହେତୁ ବହୁ ସଂଖ୍ୟକ ଲୋକ ପେଟବ୍ୟଥା, ଝାଡ଼ାବାନ୍ତି ଆଦି ରୋଗରେ ଆକ୍ରାନ୍ତ ହେଉଥିଲେ ଏବଂ କିଛି ଲୋକ ମୃତ୍ୟୁ ମୁଖରେ ମଧ୍ୟ ପଡୁଥିଲେ । ସେ ସମୟରେ ଗାଁରେ ତାଟି କବାଟ ପଡ଼ିଯାଉଥିଲା । ଏହି ରୋଗଗୁଡ଼ିକ ସେତେବେଳେ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ବ୍ୟାପି ମହାମାରୀର ରୂପ ନେଉଥିଲା ।

### ତୁମ ପାଇଁ କାମ

ତୁମେମାନେ ଏହିପରି କୌଣସି ମହାମାରୀ ସମ୍ପର୍କରେ ଜାଣିଛ ବା ଶୁଣିଛ କି ? ନିଜନିଜ ମଧ୍ୟରେ ଆଲୋଚନା କରି ତାହା ବିଷୟରେଲେଖ ।

### ତୁମେ ଜାଣିଛ କି ?

### ମହାମାରୀ (EPIDEMIC)

କୌଣସି ଏକ ରୋଗ ଯେତେବେଳେ ଏକ ସମୟରେ ଅନେକ ଲୋକଙ୍କୁ ସଂକ୍ରମିତ ହୋଇଥାଏ, ଏବଂ ତାହା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ସମ୍ପ୍ରଦାୟକୁ ପ୍ରଭାବିତ କରିଥାଏ, ତାହାକୁ ମହାମାରୀ କୁହାଯାଏ ।

### ବିଶ୍ୱ ମହାମାରୀ (PANDEMIC)

ବିଶ୍ୱ ମହାମାରୀ (Pandemic) ହେଉଛି ଏକ ମହାମାରୀ ଯାହା ଏକ ସମୟରେ ଏକାଧିକ ଦେଶଗୁଡ଼ିକୁ ଦ୍ରୁତ ବେଗରେ ବ୍ୟାପିଥାଏ । ଏହା ଏକ ଭୂତାଣୁ ଦ୍ୱାରା ସୃଷ୍ଟି ହୋଇଥାଏ ଏବଂ ବହୁ ଲୋକଙ୍କୁ ଆକ୍ରାନ୍ତ କରିବା ସହିତ ମୃତ୍ୟୁର କାରଣ ହୋଇଥାଏ ।

**ସୂଚନା :** ତୁମେମାନେ ତଳଶ୍ରେଣୀମାନଙ୍କରେ ମହାମାରୀ ସମ୍ପର୍କରେ ପଢ଼ିଥିବ । ହଇଜା, କଲେରା, ସ୍ୱାଇନ୍ ଫ୍ଲୁ ଭଳି କରୋନା ଭୂତାଣୁ (Covid-19) ମଧ୍ୟ ଏକ ମହାମାରୀ ଯାହାକି ସମଗ୍ର ବିଶ୍ୱକୁ ବ୍ୟାପି ଏକ ବିଶ୍ୱ ମହାମାରୀର ରୂପ ନେଇଛି । ଏହା ୨୦୧୯ ମସିହା ଶେଷ ଭାଗରୁ ଆରମ୍ଭ ହୋଇ ସାରା ବିଶ୍ୱର ଅପୂରଣୀୟ କ୍ଷତି ଘଟାଇଛି ।

ବର୍ତ୍ତମାନ, ଆସ ବିଶ୍ୱର କେତେକ ପ୍ରମୁଖ ବିଶ୍ୱ ମହାମାରୀ ସମ୍ପର୍କରେ ଜାଣିବା ।

| କ୍ର.ନଂ. | ବିଶ୍ୱ ମହାମାରୀର ନାମ | ମସିହା | ପ୍ରଭାବ |
|---|---|---|---|
| ୧. | ଫ୍ଲୁ ମହାମାରୀ | 1889-1890 | ଏହା ଋଷିଆରେ ଆରମ୍ଭ ହୋଇ ବିଶ୍ୱର ଅନ୍ୟାନ୍ୟ ଦେଶକୁ ଖୁବ୍ ଶୀଘ୍ର ବ୍ୟାପିଯାଇଥିଲା । |
| ୨. | ସ୍ପାନିଶ୍ ଫ୍ଲୁ | 1918-1920 | ଏଥିରେ ପ୍ରାୟ ଅଧିକାଂଶ ଲୋକ ମୃତ୍ୟୁ ମୁଖରେ ପଡ଼ିବା ସହିତ ଅନେକ ମଧ୍ୟ ପୀଡ଼ିତ ହୋଇଥିଲେ ।<br>ବିଶ୍ୱର ବିଭିନ୍ନ ଦେଶରେ ଏହି ମହାମାରୀ ବ୍ୟାପିଥିଲା । ଏହା $H_1N_1$ ଭୂତାଣୁ ଦ୍ୱାରା ସଂକ୍ରମିତ ହୁଏ । |
| ୩. | ସ୍ମଲ ପକ୍ସ<br>(Small Pox) | 1520 | ଏଥିରେ 56 ମିଲିୟନ ଲୋକଙ୍କ ମୃତ୍ୟୁ ହୋଇଥିଲା ।<br>1798 ମସିହାରେ ଏହାର ପ୍ରଥମ ଟୀକା ବାହାରିଥିଲା ଏବଂ 1980 ମସିହାରେ WHO ଏହା ନିପାତ ହୋଇଥିଲା ବୋଲି ଘୋଷଣା କରିଥିଲା । |
| ୪. | ଏଡ଼ସ୍ (AIDs) | 1980 | ଏହା ଆମେରିକାରେ ଆରମ୍ଭ ହୋଇ ବିଶ୍ୱର ଅନ୍ୟାନ୍ୟ ଦେଶକୁ ବ୍ୟାପିଥିଲା ।<br>ଏହାଦ୍ୱାରା ବିଶ୍ୱର ପ୍ରାୟ ୪୦ ମିଲିୟନ ଲୋକ ଆକ୍ରାନ୍ତ ହୋଇଥିଲେ । ପ୍ରାୟ ୩୫ ମିଲିୟନ ଲୋକଙ୍କ ମୃତ୍ୟୁ ହୋଇଥିଲା ।<br>ଏହା HIV ଭୂତାଣୁ ଦ୍ୱାରା ବ୍ୟାପିଥାଏ । |
| ୫. | $H_1N_1$ ସ୍ୱାଇନ୍ ଫ୍ଲୁ | 2009-10 | ଏହା ମେକ୍ସିକୋରୁ ଆରମ୍ଭ ହୋଇ ବିଭିନ୍ନ ଦେଶକୁ ବ୍ୟାପି ଥିଲା ।<br>ସାରା ପୃଥିବୀର ପ୍ରାୟ ୫ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା ।<br>ଏହା $H_1N_1$ ଭୂତାଣୁ ଦ୍ୱାରା ବ୍ୟାପିଥିଲା । |
| ୬. | COVID-19 | 2019 ର ଶେଷଭାଗ | ଏହା ଭାରତ ତଥା ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପି ଯାଇଥିଲା । ଏହା SARS Corona Virus (SARS-COV) ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାଏ ।<br>ଏଥିରେ ପ୍ରାୟ 5.3 ମିଲିୟନ ଲୋକଙ୍କ ମୃତ୍ୟୁ ହୋଇଥିଲା । |

ପୂର୍ବ ପୃଷ୍ଠାରେ ଥିବା ସାରଣୀକୁ ଦେଖି ନିମ୍ନ ପ୍ରଶ୍ନର ଉତ୍ତର ଦିଅ ।

୧. ମହାମାରୀ କାହାଦ୍ୱାରା ବ୍ୟାପିଥାଏ ?

୨. ମହାମାରୀର ପ୍ରଭାବ କିପରି ହୋଇଥାଏ ?

୩. ବର୍ତ୍ତମାନର Covid-19 ମହାମାରୀର ପ୍ରଭାବଗୁଡ଼ିକ ଆଲୋଚନା କର ।

ବର୍ତ୍ତମାନ ସମୟରେ ତୁମେମାନେ କରୋନା ମହାମାରୀକୁ ସାମ୍ନା କରିଛ । ଏହାକୁ ଆନ୍ତର୍ଜାତୀୟ ସ୍ତରରେ ଚିନ୍ତାଜନକ ଜରୁରୀକାଳୀନ ଜନସ୍ୱାସ୍ଥ୍ୟ ପରିସ୍ଥିତି ଭାବରେ ଘୋଷଣା କରାଯାଇଛି । ମହାମାରୀ ମାନବ ଜୀବନରେ ବିଶ୍ୱବ୍ୟାପି ଅପୂରଣୀୟ କ୍ଷତି ଘଟାଇଥାଏ । ମହାମାରୀ ମନୁଷ୍ୟର ସ୍ୱାସ୍ଥ୍ୟ ଓ ମାନସିକ ସ୍ତରକୁ ପ୍ରଭାବିତ କରିବା ସହ ସାମାଜିକ, ଆର୍ଥିକ ତଥା ଶିକ୍ଷାଗତ ସ୍ତରକୁ କ୍ଷତି ପହଞ୍ଚାଇଥାଏ । ତେବେ ଆସ, ଏ ସମ୍ପର୍କରେ ଅଧିକ କିଛି ଆଲୋଚନା କରିବା ।

## ବ୍ୟକ୍ତିଗତ ପ୍ରଭାବ :

ମହାମାରୀ ଏବଂ ବିଶ୍ୱ ମହାମାରୀ ମାନବ ଶରୀର ଓ ମନକୁ ପ୍ରଭାବିତ କରିଥାଏ । ବିଭିନ୍ନ ଗବେଷଣାରୁ ଜଣାଯାଇଛି ଯେ, ମହାମାରୀ ଅନେକ ମାନସିକ ରୋଗ ବ୍ୟାଧି ଯଥା; ଚିନ୍ତା, ବିରକ୍ତି, ଭୟ, କ୍ରୋଧ, ଅନାଗ୍ରହ, ଉଦାସୀନତା, ଅନିଦ୍ରା, ନିରାଶା ଓ ଆତ୍ମ-କ୍ଷତିଜନିତ ସମସ୍ୟା ସୃଷ୍ଟି କରିଥାଏ । ତୁମର ଅନୁଭୂତି ଥିବ ଯେ କରୋନା ସମୟରେ ତାଲାବନ୍ଦ (Lockdown) ହେତୁ ଲୋକମାନେ ଅନେକ ମାନସିକ ଚାପର ବଶବର୍ତ୍ତୀ ହୋଇଥିଲେ । ଏହି ସମୟରେ କିଛିଲୋକ ଜୀବିକା ହରାଇଥିଲେ ଏବଂ ଆଉ କିଛି ଲୋକଙ୍କର ଆୟ ହ୍ରାସ ହେତୁ ସେମାନଙ୍କର ପାରିବାରିକ ଜୀବନରେ ଅନେକ ସମସ୍ୟା ଉପୁଜିଥିଲା । ଛୋଟଛୋଟ ପିଲାମାନେ ବିଦ୍ୟାଳୟକୁ ଯାଇ ନ ପାରିବାରୁ ସେମାନଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ବାଧାପ୍ରାପ୍ତ ହୋଇଥିଲା । ରୋଗ ବ୍ୟାପିବାର ଭୟ ସମସ୍ତଙ୍କ ମାନସିକ ସ୍ଥିତିକୁ ଦୁର୍ବଳ କରିଦେଇଥିଲା । ମହାମାରୀ ସବୁବର୍ଗର ଲୋକଙ୍କ ମାନସିକ ଓ ଶାରୀରିକ ସ୍ତରରେ କ୍ଷତି ଘଟାଇଥାଏ ।

### ତୁମ ପାଇଁ କାମ

ବିଶ୍ୱମହାମାରୀ କରୋନା ଆମ ଭିତରେ କେଉଁ ପ୍ରକାରର ପରିବର୍ତ୍ତନ ଆଣିଛି, ସାଙ୍ଗମାନଙ୍କ ସହ ଆଲୋଚନା କରି ତୁମ ଖାତାରେ ଲେଖ ।

## ସାମାଜିକ ପ୍ରଭାବ :

ମହାମାରୀ ମଣିଷର ମାନସିକ କ୍ଷତି ଘଟାଇବା ସହିତ ଅନେକଗୁଡ଼ିଏ ସାମାଜିକ ସମସ୍ୟା ସୃଷ୍ଟି କରିଥାଏ । ମହାମାରୀ ସହିତ ଜଡ଼ିତ କେତେକ ଅନୁଭୂତି ଯେପରିକି; ପ୍ରିୟଜନଙ୍କଠାରୁ ଅଲଗା ହେବା, ସ୍ୱାଧୀନତା ହରାଇବା, ରୋଗର ଅଗ୍ରଗତି ବିଷୟରେ ଅନିଶ୍ଚିତତା ଏବଂ ଅସହାୟତାର ଭୟ ମନୁଷ୍ୟ ସମାଜ ଉପରେ କୁପ୍ରଭାବ ପକାଇଥାଏ । ସାମାଜିକ ଦୂରତା ଏବଂ ଅସହଯୋଗ ମନୋବୃତ୍ତି ଲୋକମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରିଥାଏ । ଏବେକାର COVID-19 ରେ ଲୋକମାନେ ଜୀବିକା ହରାଇବାରୁ ସମାଜରେ ଚୋରୀ, ଲୁଟ, ହତ୍ୟା ଆଦି ବିଭିନ୍ନ ଅନୈତିକ କାର୍ଯ୍ୟ ବୃଦ୍ଧି ପାଇଛି । ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଅସହଯୋଗ, ଅସମାନତା ଓ ଅନାଦର ଭାବନା ବୃଦ୍ଧି ପାଉଛି । କିନ୍ତୁ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଓ ଦୂରସଂଚାର ବହୁ ଦୂରରେ ଥିବା ଲୋକଙ୍କୁ ନିକଟବର୍ତ୍ତୀ କରାଇଛି । ଦୂରସଂଚାର ମାଧ୍ୟମରେ ଲୋକମାନେ ବାର୍ତ୍ତାଳାପ କରି ମାନସିକ ସ୍ତରରେ ଚାପମୁକ୍ତ ହୋଇପାରୁଛନ୍ତି । ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାଗୁଡ଼ିକର ସଚେତନତା ବାର୍ତ୍ତା, ଗଣମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଲୋକମାନଙ୍କ ମନରୁ ଭୟ ଦୂର ହୋଇପାରିଛି ।

## ଆର୍ଥିକ ପ୍ରଭାବ :


ମହାମାରୀ ବିଶ୍ୱର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥାଏ । ବହୁସଂଖ୍ୟାରେ ଲୋକମାନେ ନିଜର ଜୀବିକା ହରାଇଥିବାରୁ ସମାଜରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଇଥାଏ । ବିଭିନ୍ନ କଳକାରଖାନାଗୁଡ଼ିକରେ ଉତ୍ପାଦନ ବାଧାପ୍ରାପ୍ତ ହେବାରୁ ଶିଳ୍ପକ୍ଷେତ୍ରରେ ବହୁ କ୍ଷତି ହୋଇଥାଏ । ଯୋଗାଯୋଗ ଓ ଯାତାୟତରେ ବାଧା ହେତୁ ବାଣିଜ୍ୟ ବ୍ୟବସାୟରେ କ୍ଷତି ହୋଇଥାଏ । କୃଷି ଓ ଉତ୍ପାଦନ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ । ମହାମାରୀର ପ୍ରଭାବ ଚାକିରୀ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଥାଏ ।


## ଶିକ୍ଷାଗତ ପ୍ରଭାବ :


ମହାମାରୀ ବିଭିନ୍ନ କ୍ଷେତ୍ରରେ କ୍ଷତି ପହଞ୍ଚାଇଥାଏ । ଶିକ୍ଷା କ୍ଷେତ୍ରରେ କ୍ଷତି ଅପୂରଣୀୟ । ଏହି ସମୟରେ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ସୁସ୍ଥତା ଯେତିକି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାର ବିକାଶ ମଧ୍ୟ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ସମୟରେ ବିଦ୍ୟାଳୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକ ଦୀର୍ଘଦିନ ଧରି ବନ୍ଦ ରହିବା ହେତୁ ଶିକ୍ଷା ବାଧାପ୍ରାପ୍ତ ହୋଇଥାଏ । ପିଲାମାନଙ୍କର ଶିଖିବାର ଧାରା ମନ୍ଥର ହୋଇଥାଏ । ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମାନସିକ ଚାପ ବଢ଼ିଯାଏ ।

ବର୍ତ୍ତମାନ କରୋନା ପରିସ୍ଥିତିରେ ଦୀର୍ଘଦିନ ଧରି ବିଦ୍ୟାଳୟଗୁଡ଼ିକ ବନ୍ଦ ହେବା ହେତୁ ପିଲାମାନଙ୍କର ପାଠ ପଢ଼ିବାରେ ଅନେକ ସମସ୍ୟା ଉପୁଜୁଛି । ଆଧୁନିକ ମଣିଷ ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ନିମନ୍ତେ ଦୂର ସଞ୍ଚାରର ସହାୟତାରେ ନୂତନ ଶିକ୍ଷା ବ୍ୟବସ୍ଥାକୁ ଆପଣାଇ ନେଇଛି । ଏହି ସମୟରେ ସବୁବର୍ଗର ଶିକ୍ଷାର୍ଥୀମାନଙ୍କ ପାଇଁ ଉପଯୁକ୍ତ ଶିକ୍ଷା ଦେବା ନିମନ୍ତେ ବିଭିନ୍ନ ଡିଜିଟାଲ ଶିକ୍ଷଣ ମଞ୍ଚ (Platform) ମାନ ପ୍ରସ୍ତୁତ କରାଯାଇଛି । ଏହି ଶିକ୍ଷଣ ମଞ୍ଚଗୁଡ଼ିକୁ (Platform) ସାର୍ବଜନୀନ କରିବା ନିମନ୍ତେ ବିଭିନ୍ନ ପୋଟାଲ ଯଥା– DIKSHA Portal, Vidya Daan Portal ମାନଙ୍କରେ ଉପଲବ୍ଧ କରାଯାଉଛି ।

## ମହାମାରୀରୁ ସୁରକ୍ଷା ପାଇଁ କ'ଣ କରିବା ଓ କ'ଣ ନ କରିବା :








ସାମାଜିକ ଦୂରତା ରକ୍ଷା କରିବା ।



ହାତ ମିଳାଇବା କିମ୍ବା ଆଲିଙ୍ଗନ ନ କରିବା ।




ହାତକୁ ପାଣି ଓ ସାବୁନ୍ ଦ୍ୱାରା ବାରମ୍ବାର ଧୋଇବା ।



ଆଖି, ନାକ ଓ ପାଟିକୁ ନ ଛୁଇଁବା ।



କାଶିବା ଓ ଛିଙ୍କିବା ସମୟରେ ଟିସୁ ପେପର କିମ୍ବା ହାତର ବାହୁ ଦ୍ୱାରା ମୁହଁକୁ ଢାଙ୍କି ରଖିବା ।




ଦୂରତା ରଖି ବସିବା ।



ସର୍ବଦା ମାସ୍କ ବ୍ୟବହାର କରିବା ।




ସାମାଜିକ କାର୍ଯ୍ୟକ୍ରମ ଯଥା: ବାହାଘର, ବ୍ରତଘର, ସୁଧିକାର୍ଯ୍ୟ ଇତ୍ୟାଦିକୁ ନ ଯିବା ।




ରୋଗୀର ବାସନକୁସନ ଓ ଲୁଗାପଟାକୁ ଅଲଗାଭାବରେ ସଫା କରିବା ।



ଜନଗହଳି ସ୍ଥାନକୁ ନ ଯିବା ।




ଗହଳିଥିବା ଲିଫ୍ଟକୁ ବ୍ୟବହାର ନ କରିବା ।




ଦେହ ଖରାପ ଥିଲେ ଘରେ ରହିବା ।



ସର୍ବସାଧାରଣ ସ୍ଥାନରେ ଛେପ ଓ ଖଙ୍କାର ନ ପକାଇବା ।




ଅଧିକ ଲୋକଙ୍କ ଦ୍ୱାରା ଛୁଆଁ ହୋଇଥିବା ଜିନିଷ ଯଥା: କବାଟର ହ୍ୟାଣ୍ଡେଲ, ଟେବୁଲ୍‌ର ଉପର ଭାଗ, ଚେୟାର ଇତ୍ୟାଦିକୁ ନ ଛୁଇଁବା ।




ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ।



ସରକାରୀ ଓ ବେସରକାରୀ ସ୍ତରରେ ମିଳୁଥିବା ସହାୟତାକୁ ଲୋକଙ୍କୁ ଜଣାଇବା ।



ଯୋଗ, ପ୍ରାଣାୟମ୍, ବ୍ୟାୟାମ, ସୁଷମ ଖାଦ୍ୟପେୟ ଉପରେ ଗୁରୁତ୍ୱ ଦେବା ।




ଗଣମାଧ୍ୟମରୁ ନକାରାତ୍ମକ ଧାରଣାଗୁଡ଼ିକୁ ଗ୍ରହଣ ନ କରିବା ।

●●●

# ଅଭ୍ୟାସ କାର୍ଯ୍ୟ

**ପ୍ର ୧. ସଂକ୍ଷେପରେ ଉତ୍ତର ଦିଅ ।**

ମହାମାରୀ ଓ ବିଶ୍ୱ ମହାମାରୀ ମଧ୍ୟରେ ପାର୍ଥକ୍ୟଗୁଡ଼ିକ କ'ଣ ?

.............................................................................................................

.............................................................................................................

.............................................................................................................

.............................................................................................................

**ପ୍ର ୨. ଉପଯୁକ୍ତ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ଏଡ଼ସ୍ ---------- ମସିହାରେ ଆରମ୍ଭ ହୋଇଥିଲା ।

(i) 1880 (ii) 1980 (iii) 2000 (iv) 2019

(ଖ) କୋଭିଡ଼୍ ୧୯ ଏକ ---------- ଦ୍ୱାରା ସଂକ୍ରମିତ ରୋଗ ।

(i) ଜୀବାଣୁ (ii) ଭୂତାଣୁ (iii) ଜଳ (iv) ବାୟୁ

(ଗ) ସ୍ମଲ୍ ଫକ୍ସ (Small Pox)ର ଟୀକା ---------- ମସିହାରେ ପ୍ରଥମେ ବାହାରି ଥିଲା ।

(i) 1898 (ii) 1998 (iii) 1798 (iv) 1698

**ପ୍ର ୩. ପାଠର ଆଲୋଚନା ଆଧାରରେ ଠିକ୍ ଉକ୍ତି ପାଖରେ (✓) ଚିହ୍ନ ଓ ଭୁଲ୍ ଉକ୍ତି ପାଖରେ (×) ଭୁଲ ଚିହ୍ନ ଦିଅ ।**

(କ) ସାମାଜିକ ଦୂରତା ରକ୍ଷା କରିବା ।

(ଖ) ଆଖି, ନାକ ଓ ପାଟିକୁ ସବୁବେଳେ ଛୁଇଁବା ।

(ଗ) ସର୍ବସାଧାରଣ ସ୍ଥାନରେ ଛେପ ଓ ଖଙ୍କାର ପକାଇବା ।

(ଘ) ଗହଳି ଥିବା ଲଫ୍ଟକୁ ବ୍ୟବହାର କରିବା ।

(ଙ) କାଶିବା ଓ ଛିଙ୍କିବା ସମୟରେ ଟିସୁ ପେପର ବ୍ୟବହାର କରିବା ।